## ସଂକ୍ଷେପରେ

### ବିଦ୍ୟାଳୟରେ ଶିକ୍ଷକଙ୍କ ଆକସ୍ମିକ ବିୟୋଗ

ନୂଆପଡ଼ା,୨୭।୧୧ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଗାଡିବେଡା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ



ପ୍ରଧାନ ଶିକ୍ଷକଙ୍କ ବୁଧବାର ଆକସ୍ମିକ ବିୟୋଗ ଘଟିଛି । ମୃତ ଶିକ୍ଷକ ହେଲେ କୋମନା ଥାନା ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁର ତ୍ରିନାଥ ଶବର। ପ୍ରାପ୍ତ ସୂଚନା ମୁତାବକ ବୁଧବାର ସକାଳ ସାଢେ ୯ଟା ସମୟରେ ଶିକ୍ଷକ ଶବର ବିଦ୍ୟାଳୟରେ ପହଞ୍ଚିଥିଲେ। କିଛି ସମୟ ପରେ ସେ ହଠାତ୍ ବିଦ୍ୟାଳୟ ଚଟାଣ ଉପରେ ପଡି ଚେତାଶୂନ୍ୟ ହୋଇ ଯାଇଥିଲେ। ଅନ୍ୟ ଶିକ୍ଷକଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ବୋଲେରୋରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଗାଁକୁ ନେଇଥିଲେ। ଗାଁରେ ପରିବାର, ବନ୍ଧୁ, ପରିଜନ ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କ୍ରିତିକାନ୍ତ ଶବର ମୁଖାଗ୍ନି ଦେଇଥିଲେ ।

### ଏମ୍‌ସିଏଲ୍‌ର ସମ୍ମାନଜନକ ସମର୍ଥନ ପାଇଲେ କଳାହାଣ୍ଡିର ଯୁବ ଆଥ୍‌ଲେଟ ଆକାଶ ମୁଣ୍ଡ

ଭବାନୀପାଟଣା,୨୭।୧୧(ଉତ୍ତମ କୁମାର ଦାଶ): ମହାନଦୀ କୋଲଫିଲଡ୍ସ ଲିମିଟେଡ୍ (ଏମ୍‌ସିଏଲ୍)ର ସମ୍ମାନଜନକ ସମର୍ଥନ



ପାଇଛନ୍ତି କଳାହାଣ୍ଡିର ଯୁବ ଆଥ୍‌ଲେଟ ଆକାଶ ରଞ୍ଜନ ମୁଣ୍ଡ। ଏହି ପ୍ରତିଭାବାନ ଆଥ୍‌ଲେଟ ଷ୍ଟେଟ୍ ପାରା ବ୍ୟାଡ୍‌ମିଣ୍ଟନ ର୍ୟାଙ୍କ ୱାନ ଆଖ୍ୟା ଅର୍ଜନ କରିଛନ୍ତି। ସେହିପରି ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ମଧ୍ୟ ରହିଛନ୍ତି। ଆକାଶ କଳାହାଣ୍ଡି ଜିଲାର ଏକମାତ୍ର ପାରା ଆଥ୍‌ଲେଟ ଯିଏକି ଜାତୀୟ ଖେଳରେ ଦୁଇଥର ଓଡିଶାର ପ୍ରତିନିଧିତ୍ୱ କରିଛନ୍ତି। ଏହାସହ ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟର ନ୍ୟାଶନାଲ ଟୁର୍ଣ୍ଣାମେଣ୍ଟରେ ଭାରତରୁ ପ୍ରତିନିଧିତ୍ୱ କରି କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ଆକାଶ ଭବାନୀପାଟଣା ସହରର ସ୍ୱର୍ଗତ ଗୋର ଚନ୍ଦ୍ର ମୁଣ୍ଡଙ୍କ ପୁଅ ଅଟନ୍ତି।

### କର୍ଲାମୁଣ୍ଡାରେ ଆୟୁଷ୍ମାନ ଆରୋଗ୍ୟ ଶିବିର

କର୍ଲାମୁଣ୍ଡା,୨୭।୧୧(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବୁଧବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁରୋଗ ବିଶେଷଜ୍ଞ ଡା. ଆଲୋକ ମେହେର, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଆଶିଷ କୁମାର ଧରୁଆ ପ୍ରମୁଖ ଯୋଗଦେଇ ୨୩ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସାସେବା ଯୋଗାଇଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ଦାଶ, ବିପିଏମ୍ ଅଜିତ ସିଂ କୁମାର ସହଯୋଗ କରିଥିଲେ।

# ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଦାବି

**କଳାହାଣ୍ଡି ଗ୍ରାମସଭା ମହାସଂଘ ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ**

ଭବାନୀପାଟଣା,୨୭।୧୧(ଉତ୍ତମ କୁମାର ଦାଶ)




ଭବାନୀପାଟଣାରେ ଗ୍ରାମସଭା ମହାସଂଘର ଶୋଭାଯାତ୍ରା।

ଜଙ୍ଗଲ ଅଧିକାର ଆଇନ ୨୦୦୬ର ଠିକ କାର୍ଯ୍ୟକାରିତା ଦାବି ନେଇ ବୁଧବାର କଳାହାଣ୍ଡି ଗ୍ରାମସଭା ମହାସଂଘ ପକ୍ଷରୁ ଭବାନୀପାଟଣାରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ସେଠାରେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

କଳାହାଣ୍ଡି ଜିଲାରେ ଥିବା ସମସ୍ତ ଜଙ୍ଗଲ ଅଧିକାର ଦାବି (ବ୍ୟକ୍ତିଗତ ଜଙ୍ଗଲ ଅଧିକାର, ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର)ର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସତ୍ୟାସତ୍ୟ ନିରୂପଣ କରାଯାଇ ଶିରୋନାମା ପ୍ରଦାନ କରିବା, ବନ ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀ ଆଇନର ଉଲ୍ଲଂଘନ କରି ଗାଁର ରହିଥିବା ପାରମ୍ପରିକ ସୀମାର ସମସ୍ତ ଗୋଷ୍ଠୀ ଜଙ୍ଗଲ ଅଞ୍ଚଳର ନକ୍ସା ପ୍ରସ୍ତୁତ କରିବା, ସତ୍ୟାସତ୍ୟ ନିରୂପଣ ଦିନ ବିନା ଲିଖିତ ସୂଚନାରେ ଅନୁପସ୍ଥିତ ରହୁଥିବା ବନ ବିଭାଗ ଓ ରାଜସ୍ୱ ବିଭାଗ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସେହିପରି ଗୋଷ୍ଠୀ ଜଙ୍ଗଲ ଅଧିକାରକୁ ପ୍ରଦାନ କରାଯାଉଥିବା ଶିରୋନାମା ପତ୍ରରେ ଲଘୁବନଜାତ ଦ୍ରବ୍ୟ ଉପରେ ଅଧିକାର ସମ୍ବନ୍ଧରେ କେବଳ ମୁଣ୍ଡଭାର, ସାଇକେଲ, ଶଗଡ ଗାଡି ଆଦି ସର୍ତ୍ତ ଲେଖାଯାଇଥିବାରୁ ଏହି ବେଆଇନ ଲେଖାକୁ ଶୀଘ୍ର ସଂଶୋଧନ କରିବା, ସଂଗୃହୀତ ସମସ୍ତ ଲଘୁବନଜାତ ଦ୍ରବ୍ୟ ଗୁଡିକର ବିକ୍ରି ସମୟରେ ଗ୍ରାମସଭା ଦ୍ୱାରା ପ୍ରଦାନ କରାଯାଉଥିବା ନିଜସ୍ୱ ପରିବହନ ଅନୁମତିର ଆଇନଗତ ବୈଧତା ରହିଥିବା ବିଷୟ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଚେତନ କରିବା, ମହୁଲ, କେନ୍ଦୁପତ୍ର ଓ ବାଉଁଶ ଆଦି ଲଘୁବନଜାତ ଦ୍ରବ୍ୟକୁ ସଂଗ୍ରହ ଓ ବିକ୍ରୟ କରିବାରେ ଗ୍ରାମସଭାର ରହିଥିବା ଆଇନଗତ ମାଲିକାନା ଓ ଅଧିକାର ସମ୍ପର୍କରେ ଅବକାରୀ ବିଭାଗ, ପୋଲିସ ଓ ବନ ବିଭାଗ କର୍ମଚାରୀଙ୍କୁ ସଚେତନ କରିବା ଭଳି ଦାବି କରାଯାଇଛି। ଜିଲା ସଭାନେତ୍ରୀ ମମତା ମାଝୀ, ସମ୍ପାଦକ ବ୍ୟାସ ମାଝୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା।

# ବାର୍‌ହା ମାଂସ ଜବତ, ୩ ଶିକାରୀ ଗିରଫ

କେସିଙ୍ଗା,୨୭।୧୧(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲାର କେସିଙ୍ଗା ବନଖଣ୍ଡ ଅଞ୍ଚଳରେ ବନ ବିଭାଗ ଚଢ଼ାଉ କରି ୩ ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପ୍ରାୟ ୧ କୁଇଣ୍ଟାଲ ବାର୍‌ହା ମାଂସ ଓ ୨ଟି ବାଇକ୍ ଜବତ କରାଯାଇଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କେସିଙ୍ଗା ବଜ୍ରଗଡ଼ ଜଙ୍ଗଲ ଭିତରେ ଥିବା ସିଂଝରନ-ଟାପରଙ୍ଗ ରାସ୍ତାରେ ବାର୍‌ହା ମାରି ମାଂସ ଭାଗବଣ୍ଟା କରାଯାଉଥିବା ନେଇ ବନ କର୍ମଚାରୀ ଖବର ପାଇଥିଲେ। ଅତିରିକ୍ତ ବନ ସଂରକ୍ଷକ ପ୍ରଭାତୀ ସେଠଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଉକ୍ତ ସ୍ଥାନରେ ଚଢାଉ କରିଥିଲେ। କର୍ମଚାରୀମାନେ ବାର୍‌ହା ମାଂସ ଜବତ କିବା ସହ ୩ ଜଣ ଶିକାରୀଙ୍କୁ କାବୁ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ସିଂଝରନ ଗାଁର ଉମାକାନ୍ତ ମାଝୀ, ଶ୍ରୀଧର ମାଝୀ ଓ ପଲସାପଡ଼ା ଗାଁର ବେଣୁ ମାଝୀ। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଶିକାରୀ ଫେରାର ଥିବା ଅତିରିକ୍ତ ବନ ସଂରକ୍ଷକ କହିଛନ୍ତି। ଜବତ ବାର୍‌ହା ମାଂସକୁ କେସିଙ୍ଗା ପ୍ରାଣୀ ଚିକିତ୍ସାଳୟକୁ ନେଇ ବ୍ୟବଚ୍ଛେଦ କରାଯାଇଥିବା ପ୍ରାଣୀ ଚିକିତ୍ସା ଅଧିକାରୀ ଆଭାମଞ୍ଜରୀ ନାୟକ ପ୍ରକାଶ କରିଛନ୍ତି।

# ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ସମୀକ୍ଷା



ଭୋଟର ତାଲିକା ଉପରେ ପର୍ଯ୍ୟବେକ୍ଷକ ସମୀକ୍ଷା କରୁଛନ୍ତି।

ନୂଆପଡ଼ା,୨୭।୧୧ (ମକାରୁ ବେମାଲ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିବ ତଥା ଭୋଟର ତାଲିକା ତଦାରଖ ପର୍ଯ୍ୟବେକ୍ଷକ ଅରବିନ୍ଦ ଅଗ୍ରୱାଲ ନୂଆପଡ଼ା ଜିଲା ଗସ୍ତରେ ଆସି ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଏ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ସହ ସମ୍ପୃକ୍ତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାସ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଉପଜିଲାପାଳ ଯୋଗେନ୍ଦ୍ର ମାଝି ପାୱାର ପଏଣ୍ଟ ମାଧ୍ୟମରେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଅବଗତ କରାଇଥିଲେ। ବର୍ତ୍ତମାନ ଜିଲାରେ ୫,୦୨,୩୭୩ ଜଣ ଭୋଟର ଅଛନ୍ତି। ସେଥିରୁ ପୁରୁଷ ୨,୪୯,୫୨୦, ମହିଳା ୨,୫୨,୮୧୪ ଓ ତୃତୀୟଲିଙ୍ଗ ୩୯ଜଣ ରହିଛନ୍ତି। ସଂଶୋଧନ ପରେ ଚୂଡାନ୍ତ ଭୋଟର ତାଲିକା ଆସନ୍ତା ୨୦୨୫ ଜାନୁଆରୀ ୬ରେ ପ୍ରକାଶିତ ହେବ। ଏହି ଅବସରରେ ଭୋଟର ତାଲିକା ତଦାରଖ ପର୍ଯ୍ୟବେକ୍ଷକ ଅଗ୍ରୱାଲ ଜିଲା ପ୍ରଶାସନକୁ ବିଭିନ୍ନ ପରାମର୍ଶ ଦେବା ସହ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ମତ ବିନିମୟ କରିଥିଲେ । ସଭାରେ ଭାଜପାରୁ କମଲେଶ ଦିକ୍ଷୀତ, ଜାତୀୟ କଂଗ୍ରେସରୁ ଦେବଦତ୍ତ ଦିକ୍ଷୀତ, ବିଜେଡିରୁ ରମାକାନ୍ତ ସିଂ କ୍ଷତ୍ରୀୟ, ବିଏସ୍‌ପିରୁ କୁନ୍ତି ସାହୁ, ଆପ୍‌ରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରତିନିଧି ଭାବରେ ଯୋଗଦେଇଥିଲେ। ଜିଲାର ସମସ୍ତ ବିଡିଓ, ତହସିଲଦାର, ଡେପୁଟି କଲେକ୍ଟର ନିର୍ବାଚନ ସୈଖ ନସୀମ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରିଜ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର

କୋକସରା,୨୭।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)



ନିର୍ମାଣାଧୀନ ବ୍ରିଜ।

**ଅଧିକାରୀଙ୍କଠାରେ ଫେରାଦ ହେଲେ ଗ୍ରାମବାସୀ**

ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋକସରା ବ୍ଲକ୍ ବରାଡ଼ଙ୍ଗା ପଞ୍ଚାୟତ ଶିଉନି ସାଗରପଡ଼ା ଛକ ଜାତୀୟ ରାଜପଥ ୨୬ରୁ ବଡ଼ ପୋଡ଼ାଗଡ଼ ପଞ୍ଚାୟତ ବାବେକୋହରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଓ ବ୍ରିଜ୍ ନିର୍ମାଣ କାମ ଚାଲିଛି। ମୁଣ୍ଡରା ନଦୀର ବ୍ରିଜ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ଅତି ନିମ୍ନମାନର କାମ କରୁଥିବା ନେଇ ସ୍ଥାନୀୟ ଶିଉନି, ସାଗରପଡ଼ା, ବାବେକୋହରା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅଞ୍ଚଳବାସୀ ଅଭିଯୋଗ କରିବା ସତ୍ତ୍ୱେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଦର୍ଶାଇଛନ୍ତି। ମଙ୍ଗଳବାର ଠିକାସଂସ୍ଥା ପକ୍ଷରୁ ବ୍ରିଜ୍‌ରେ କଂକ୍ରିଟ କାମ ଚାଲୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟର ମାନକୁ ନେଇ ଅସନ୍ତୋଷ ବ୍ୟକ୍ତକରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ତେବେ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ମାଝୀଙ୍କ ପ୍ରତିକ୍ରିୟା ନେବାରୁ ବ୍ରିଜ୍ କାର୍ଯ୍ୟରେ କୌଣସି ଅନିୟମିତତା ହେଉନାହିଁ, ମୁଁ ନିଜେ ଉପସ୍ଥିତ ରହିଥିଲି ଓ କନିଷ୍ଠ ଯନ୍ତ୍ରୀ ମଧ୍ୟ କାର୍ଯ୍ୟ ସମୟରେ ଉପସ୍ଥିତ ରହୁଛନ୍ତି, ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ହେଉଛି ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାଇକ୍ ଦୁର୍ଘଟଣା: ଯୁବକଙ୍କ ମୃତ୍ୟୁ

ବୋଡ଼େନ,୨୭।୧୧(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ଥାନା ଅଞ୍ଚଳରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ସୁକଲିଭଟା (ଲିମପଡ଼ା) ଗ୍ରାମର ରମେଶ ମାଝୀ (୨୧)। ସୂଚନା ଅନୁସାରେ ରମେଶଙ୍କ ସହ ସୁରେଶ ମାଝୀ (୨୦) ବାଇକ୍ (ଓଡି୨୬ଡି-୫୬୭୬) ଯୋଗେ କୌଣସି କାମରେ ଖରିଆର ଯାଉଥିଲେ। ଦୁର୍ଲାମୁଣ୍ଡା ବ୍ରିଜ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ଛିଟିକିପଡି ଗୁରୁତର ହୋଇଥିଲେ। ଖବର ପାଇ ବୋଡ଼େନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ସୁରେଶଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଗୋବିନ୍ଦ ମାଝୀ ପ୍ରକାଶ କରିଛନ୍ତି।

# କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ନେଉଛି ଲୋକଙ୍କ ଜୀବନ

ଲାଠୋର,୨୭।୧୧(ଭୁବନେଶ୍ୱର ବାରିକ)

**ଲଗାମ ଲଗାଇବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ କ୍ୱାକ୍‌ମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଅନେକ ସମୟରେ ରୋଗୀର ଜୀବନ ପ୍ରତି ବିପଦ ରହୁଛି । ସଚେତନତା ଅଭାବରୁ ଲୋକେ କ୍ୱାକ୍ ପାଖରୁ ଯାଇ ହଟହଟା ହେଉଥିବା ଦେଖିବାକୁ ମିଳୁଛି । ଏପରି ସ୍ଥଳେ ସେମାନଙ୍କ ଉପରେ ଲଗାମ ଲଗାଇବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି। ନିକଟରେ ସାନଗୁର୍ଜିଭଟା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଥିବା ଏବେ ନଜରକୁ ଆସିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣା ବିଷୟରେ ଅବଗତ ରହିଥିଲେ ହେଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ତେଣୁ କ୍ୱାକ୍‌ମାନେ ଖୁଲମଖୁଲା ସାଧାରଣ ଲୋକଙ୍କୁ ଲୁଟି ଚାଲିଛନ୍ତି। ଗତ ୧ ତାରିଖରେ ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଝଲିଆଲିଟି ଗ୍ରାମରେ ଜଣେ ୭ ମାସର ଗର୍ଭବତୀଙ୍କ ଦେହ ଖରାପ ହେବାରୁ କରୁଆଁଝର ଗ୍ରାମର ଏକ କ୍ୱାକ୍ ତାଙ୍କର ଚିକିତ୍ସା କରିଥିଲେ। କିନ୍ତୁ ସଂପୃକ୍ତ ମହିଳା ଚିକିତ୍ସାର କିଛି ସମୟ ପରେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କ ସ୍ୱାମୀ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ପ୍ରସବ ହୋଇଥିଲା। ସମୟ ଆଗରୁ ଶିଶୁଟି ଜନ୍ମ ହୋଇଥିବା ହେତୁ ତାର ଅବସ୍ଥା ମଧ୍ୟ ଗୁରୁତର ଥିଲା। ତାକୁ କୌଣସି ବଡ଼ ହସ୍ପିଟାଲ ନେଇ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଥିଲା। ଶିଶୁର ବାପା ବିଭିନ୍ନ ହସ୍ପିଟାଲକୁ ନେଇ ଚିକିତ୍ସା କଲାପରେ ମଧ୍ୟ ନଭେମ୍ବର ୫ ତାରିଖରେ ତାର ମୃତ୍ୟୁ ଘଟିଥିଲା । ଯେଉଁ କ୍ୱାକ୍ ସଂପୃକ୍ତ ମହିଳାଙ୍କୁ ଚିକିତ୍ସା କରିଥିଲେ ସେ କେଉଁଠାରୁ ଡ଼ାକ୍ତରୀ ପାଠ ପଢିଛନ୍ତି, ତାଙ୍କର କ'ଣ ଡ଼ିଗ୍ରୀ ରହିଛି,ସେ ଚିକିତ୍ସା କରିପାରିବେ କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଧ୍ୟାତ୍ମିକ ପ୍ରବଚନ

ଥୁଆମୂଳ ରାମପୁର,୨୭।୧୧ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ବୁଧବାର ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବଚକ ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ଗୁରୁକୁଳ ଆଶ୍ରମ ପରିଛଳକର ଗୋପାଳ କୃଷ୍ଣ ସାଧବ, କେନ୍ଦ୍ରାପଡ଼ାର ବେଦ ପ୍ରଚାରକ ଶଶୀ ଭୂଷଣ ନାଏକ, ବୈଦିକ ପରିବାର ସଦସ୍ୟ ଜଗନ୍ନାଥ ଭାଇ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ପ୍ରବାଚକ ପଣ୍ଡାଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମ୍ପର୍କିତ କର୍ମଶାଳା




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଧର୍ମଗଡ଼, ୨୭।୧୧(ଆକାଶ କୁମାର ଜଗତ)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭବାନୀପାଟଣା ଓ ଦଣ୍ଡପାଟ ଯୁବସେବା ସଂଗଠନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର କୋକସରା ବ୍ଲକ୍ ଖୁଣ୍ଟିଆ ପଞ୍ଚାୟତର ଶ୍ରୀରାମପୁରଠାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଓ ଜଳଶକ୍ତି ଅଭିଯାନ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା କ୍ଷେତ୍ର ପ୍ରଚାରକ ଖଗେଶ ବାଇପାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାରଣା ମୁଖ୍ୟ ଅତିଥି, ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ ମୁଖ୍ୟବକ୍ତା ଓ କୋକସରା ବିଡିଓ ବିଶ୍ୱନାଥ ରାଉତ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ଦଣ୍ଡପାଟ ଯୁବସେବା ସଙ୍ଗଠନ ସଭାପତି ରଜତ ବଂଶଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଘର ଉପରେ ସୌର ପ୍ୟାନେଲ ଲଗାଇବା ପାଇଁ ସରକାର ସବ୍‌ସିଡି ଓ ଋଣର ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ମାଗଣା ବିଜୁଳି ପାଇବା ସହ ବଳକା ବିଜୁଳି ବିକି ଆର୍ଥିକ ଲାଭ ମଧ୍ୟ ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଏଥିସହ ଜଳର ସୁବିନିଯୋଗ ବା କେମିତି ଜଳ ସଂରକ୍ଷଣ କରିବା ସେ ବିଷୟରେ ସଚେତନ କରିଥିଲେ। ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା।

# ଏକ ସମୟରେ ୩ ଶିଶୁକନ୍ୟା ଜନ୍ମ

ନୂଆପଡ଼ା,୨୭।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଜଣେ ମା' ଏକ ସମୟରେ ୩ ଶିଶୁକନ୍ୟା ଜନ୍ମ ଦେଇଛନ୍ତି । ବର୍ତ୍ତମାନ ସମସ୍ତ ନବଜାତ ଶିଶୁ ସୁସ୍ଥ ଅଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ନୂଆପଡ଼ା ସଦର ବ୍ଲକ ଜାମପାଣି ଗାଁର ଦେଓସରଣ ସାହୁଙ୍କ ସ୍ତ୍ରୀ ରାଜଶ୍ରୀ ସାହୁ (୨୩) ବୁଧବାର ସକାଳେ ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ଜଣକ ପରେ ଜଣେ ଶିଶୁଙ୍କ ଜନ୍ମ ହୋଇଥିଲା। ସକାଳ ୮ଟା ୨୧ରେ ପ୍ରଥମ, ୮ଟା ୨୬ରେ ଦ୍ୱିତୀୟ ଓ ୮ଟା ୨୯ରେ ତୃତୀୟ ଶିଶୁକନ୍ୟା ଜନ୍ମ ହୋଇଥିଲେ। ପ୍ରଥମ ଶିଶୁର ଓଜନ ୧ କିଗ୍ରା ୯୩୦ ଗ୍ରାମ ଥିବାବେଳେ ଦ୍ୱିତୀୟର ୧ କିଗ୍ରା ୯୧୦ ଗ୍ରାମ ଓ ତୃତୀୟ କନ୍ୟା ୨ କିଗ୍ରା ୨ ଶହ ଗ୍ରାମ ରହିଛି। ରାଜଶ୍ରୀଙ୍କ ପୂର୍ବରୁ ଅଢେଇ ବର୍ଷର ଏକ ଶିଶୁକନ୍ୟା ରହିଛି। ଏହି ଖବର ପାଇ ଶିଶୁକନ୍ୟାଙ୍କୁ ଦେଖିବା ଲାଗି ଡାକ୍ତରଖାନାରେ ଲୋକଙ୍କ ଭିଡ଼ ଲାଗିଛି।

# ଭବାନୀପାଟଣା କେଡିସିଏ ଚାମ୍ପିୟନ

**ସିନିୟର ମେନ୍ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ଭବାନୀପାଟଣା,୨୭।୧୧(ଉତ୍ତମ କୁମାର ଦାଶ)



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଗତ ୬ ତାରିଖଠାରୁ ଚାଲିଥିବା କଳାହାଣ୍ଡି ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭବାନୀପାଟଣା କ୍ଲବ ମୋନାର୍କ ଓ ଭବାନୀପାଟଣା କେଡିସିଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

କ୍ଲବ ମୋନାର୍କ ଦଳ ପ୍ରଥମେ ବ୍ୟାଟିଂ କରି ୪୧.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୩୦ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କେଡିସିଏ ଦଳ ୩୭.୨ ଓଭରରେ ୪ ଉଇକେଟ ହରାଇ ୨୩୩ ରନ କରି ୬ ଉଇକେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ଲେୟର ଅଫ୍ ଦି ମ୍ୟାଚ ଭାବରେ କେଡିସିଏର ଆଶୁତୋଷ କୁମାରଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ତେଜେଶ୍ୱର ଆଚାର୍ଯ୍ୟ ଓ ଜଗଦୀପ ସିଂହ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଅଲିମ୍ପିକ୍ସ ଆସୋସିଏଶନର ସଭାପତି ଜଗମୋହନ ପଟ୍ଟନାୟକ ଓ ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତଃ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଓ ଓଡିଶା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗନେଇଥିଲେ।

# ବିରିମୁହାଣରେ ମା' ମଙ୍ଗଳାଙ୍କ ବାର୍ଷିକ ଦଶରା

କୋକସରା,୨୭।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)



ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ସାଂସ୍କୃତିକ ସନ୍ଧ୍ୟା ଦର୍ଶକଙ୍କୁ ବାନ୍ଧିରଖିଲା**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଆମପାଣି ପଞ୍ଚାୟତର ବିରିମୁହାଣ ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଦଶରା ଯାତ୍ରା ମଙ୍ଗଳବାର ବିଳମ୍ବିତ ରାତିରେ ସମାପନ ହୋଇଛି। ଗ୍ରାମର ଆରାଧ୍ୟ ଦେବୀ କେଉଁ କାଳରୁ ଗାଁ ନିକଟ ପଥରଚେପା ତଳେ ପୂଜା ପାଉଛନ୍ତି। ଗ୍ରାମର ପୂଜାରୀ ଧନସିଂ ପୂଜାରୀଙ୍କ ଘରୁ ମା' ମଙ୍ଗଳାଙ୍କ ଲାଠି କୁର୍ସି ବାହାରି ଗାଁ ପରିକ୍ରମା ସମୟରେ କାଳିଶିଙ୍କ ନୃତ୍ୟ ଓ ଲାଠିଯାତ୍ରା ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ବାର୍ଷିକ ଦଶରା ଯାତ୍ରା ଦିନ ସକାଳେ ପଲସାପଡ଼ା, ଭାଲୁଯୋର, କାଦୋମଳି ଓ କଲୋନିପଡ଼ା ଗ୍ରାମର ଦେବଦେବୀଙ୍କ ଲାଠି କାଳିଶି ରୂପସିଂ ପୂଜାରୀଙ୍କ ଘରେ ପହଞ୍ଚିଥିଲା। ପୂଜା ପରେ ଅପରାହ୍ନ ୩ଟାରେ ସମସ୍ତ ଦେବଦେବୀ ଶୋଭାଯାତ୍ରାରେ ବାହାରି ମାଉଲି ଡଙ୍ଗର ନିକଟରେ ଥିବା ମାଉଲି ଦେବୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୁଣି ଥରେ ବିରିମୁହାଣ ଗାଁକୁ ଫେରି ଆସିଥିଲେ। ବିଦ୍ୟାଳୟ ନିକଟରେ ବସିଥିବା ହାଟ ପରିକ୍ରମାକରି ପୂଜାରୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତିରେ ପୂଜାରୀ ଘର ସମ୍ମୁଖରେ ଥିବା ଦେବୀଖୁଣ୍ଟାରେ ସମସ୍ତ ଦେବଦେବୀଙ୍କ ଲାଠି ଓ କୁର୍ସିକୁ ପୂଜା କରାଯାଇଥିଲା। ଯାତ୍ରା ଅବସରରେ ବିରିମୁହାଣ ଗ୍ରାମରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ସୁଧୀର ପୂଜାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି, ମୁଖ୍ୟବକ୍ତା ଭାବେ ସାମାଜକ କର୍ମୀ ଜିତେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଭାଜପା ନେତା ଅର୍ଜୁନ ଭାଟି, ସନ୍ତୋଷ ମାଝୀ, ମଧୁବନ ପାତ୍ର, ସିଆର୍‌ସିସି କେଦାର ନାଏକ, ଭାସ୍କର ଦଣ୍ଡସେନା ମଞ୍ଚରେ ଉପସ୍ଥିତ ଥିଲେ। ସାଂସ୍କୃତିକ ମଞ୍ଚକୁ ଶରତ ନାଏକ ସଂଯୋଜନା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧିରଖିଥିଲା।

# ପୂର୍ବଭଳି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କର

**ସୋନପୁର, ୨୭।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଆଗାମୀ ଡିସେମ୍ବର ୧୦ ତାରିଖଠାରୁ ଖରିଫ୍ ଧାନକିଣା ଆରମ୍ଭ ହେବ। ତେବେ ଜିଲାର କେତୋଟି ପାକ୍ସ ଓ ଡବ୍ଲ୍ୟୁଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବେ ତାହା ଚୂଡ଼ାନ୍ତ ହୋଇପାରିନି। ଯୋଗାଣ ବିଭାଗ, ସମବାୟ ବିଭାଗ ଓ ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଏ ବାବଦରେ ସ୍ପଷ୍ଟ ସୂଚନା ଦେଉନାହାନ୍ତି। ଏଭଳି ସ୍ଥିତିରେ ଜିଲାରେ ୩୩ଟି ନୂତନ ଡବ୍ଲ୍ୟୁଏସ୍‌ଏଚ୍‌ଜିକୁ ଧାନକିଣା ପ୍ରକ୍ରିୟାରେ ସାମିଲ କରିବା ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ୪୦ ଡବ୍ଲ୍ୟୁଏସ୍‌ଏଚ୍‌ଜି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ଥିଲେ। ନୂତନ ବିଜ୍ଞପ୍ତି ପରେ ସେମାନଙ୍କ ମଧ୍ୟରୁ ୨୦ଟି ଡବ୍ଲ୍ୟୁଏସ୍‌ଏଚ୍‌ଜି ବାଦ୍ ପଡିବେ। ଏଥିଯୋଗୁ ବାଦ୍ ପଡିବାକୁ ଯାଉଥିବା ଡବ୍ଲ୍ୟୁଏସ୍‌ଏଚ୍‌ଜିର ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଜିଲାର ଡୁଙ୍ଗୁରିପାଲି ଓ ତରଭା ବ୍ଲକ ଅଞ୍ଚଳରୁ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ମହିଳା ପିଲା ଛୁଆ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆସିଥିଲେ। ଜିଲାପାଳ ଅନ୍ୟା ଦାସଙ୍କୁ ସାକ୍ଷାତ କରି ପୂର୍ବ ଭଳି ସେମାନଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। ଆଲୋଚନା ପରେ ଏସ୍‌ଏଚ୍‌ଜି ମହିଳାମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଡବ୍ଲ୍ୟୁଏସ୍‌ଏଚ୍‌ଜି ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଚାଷୀ ପଞ୍ଜିକରଣ କରାଯାଇଛି। ଚାଷ ଜମି ବୁଲି ସେମାନେ ସର୍ଭେ କରିଛନ୍ତି। ଅର୍ଥ ବିନିଯୋଗ କରିବା ସହ ମହିଳାମାନେ ପରିଶ୍ରମ କରିଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ତେବେ ଧାନ କ୍ରୟ ପାଇଁ ମାତ୍ର ୧୫ ଦିନ ସମୟ ଥିବାବେଳେ ନୂତନ ଡବ୍ଲ୍ୟୁଏସ୍‌ଏଚ୍‌ଜିକୁ ସୁଯୋଗ ଦେବା ପାଇଁ ପ୍ରଶାସନର ବିଜ୍ଞପ୍ତିକୁ ସେମାନେ ବିରୋଧ କରିଥିଲେ। କୌଣସି କାରଣ ନଥାଇ ଶେଷ ମୁହୂର୍ତ୍ତରେ ସେମାନଙ୍କୁ ବାଦ ଦେବା ଦୁଃଖଦାୟକ ବୋଲି ଜିଲାପାଳଙ୍କୁ କହିଥିଲେ। ତେବେ ଜିଲାପାଳ ଏ ସମ୍ପର୍କରେ ଦେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡୁଙ୍ଗୁରିପାଲି ବ୍ଲକ ଟାଙ୍ଗରକର୍ଲେର ମହାଲୟୀ ଶକ୍ତି ଦଳ, ବାଙ୍କିପାଲିରଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ, ଚିନାଜୁରୀର ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ, କର୍ଲାଜୁରୀର ମା' ଅସୁରଗଡିଏନ ସ୍ୱୟଂ ସହାୟକ ଗୋଷ୍ଠୀ, ଦିଗସିରାର ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ଭୀମଟିକିରାର ବିରଜା ସ୍ୱୟଂ ସହାୟକ ଗୋଷ୍ଠୀ, ତରଭା ବ୍ଲକ ଝାରତରଭାର ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୁମ୍ଭାରମୁଣ୍ଡା(ତାଲପଦର)ର ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ମଙ୍ଗଳବାର ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତର କାଲେଶ୍ୱର ଏସ୍‌ଏଚ୍‌ଜିର ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ କରି ଅନୁରୂପ ଦାବି କରିଥିଲେ। ଜିଲାପାଳ ଦାବି ନ ଶୁଣିଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


୮ ଏସ୍‌ଏଚ୍‌ଜିର ମହିଳାମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା ଏସ୍‌ଏଚ୍‌ଜି**

# ୨୯ରେ ଚତୁର୍ଥ ମା' ଭୈରବୀ ମହୋତ୍ସବ


ସଜେଇ ହେବାରେ ଲାଗିଛି ମହୋତ୍ସବ ମଣ୍ଡପ।

**ହରଭଙ୍ଗା, ୨୭।୧୧ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ନାମରେ ନାମିତ ଭୈରବୀ ମହୋତ୍ସବ ଚଳିତବର୍ଷ ଚତୁର୍ଥ ବର୍ଷରେ ପହଞ୍ଚିଛି। ଆସନ୍ତା ୨୯ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଥିବା ଏହି ମହୋତ୍ସବ ପାଇଁ ପୁରଣାକଟକ ବଜାର ଚଳଚଞ୍ଚଳ ହୋଇଉଠିଛି। ପୁରୁଣାକଟକସ୍ଥିତ ମିନି ଷ୍ଟାଡିୟମରେ ହେବାକୁ ଥିବା ମହୋତ୍ସବ ପାଇଁ ଆୟୋଜନ କମିଟି ଜୋରସୋରରେ ଲାଗିପଡିଛି। ମହୋତ୍ସବ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରା ମା'ଙ୍କ ମନ୍ଦିରରୁ ବାହାରି ମହୋତ୍ସବ ପଡିଆକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ କଳାକାର ଭାଗ ନେବାର ଅଛି। ମହୋତ୍ସବ ଡିସେମ୍ବର ୪ ତାରିଖରେ ଶେଷ ହେବ। ଚଳିତବର୍ଷ ମହୋତ୍ସବରେ ବିଭିନ୍ନ ସାମଗ୍ରୀ ବିକ୍ରି ପାଇଁ ଷ୍ଟଲ, ମୀନାବଜାର, ରାମଦୋଳି ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାରଅଛି।

**ଚଳଚଞ୍ଚଳ ପୁରୁଣାକଟକ ବଜାର**

## ବାଉଁଶୁଣୀ ଥାନା ଅଞ୍ଚଳରେ ଚଢ଼ାଉ

**ବାଉଁଶୁଣୀ, ୨୭।୧୧ (ଦେବାଶିଷ ନେପାକ)**

ବୁଧବାର ବୌଦ୍ଧ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାଉଁଶୁଣୀ ଥାନା ଅଞ୍ଚଳରେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରୁଥିବା ୧୪ଟି ଦୋକାନ ଉପରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ୨୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଚଢାଉରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଧରଣୀଧର ନାୟକ, ଜନସ୍ୱାସ୍ଥ୍ୟ ପରାମର୍ଶଦାତା ଆଲୋକ କୁମାର ମିଶ୍ର, ଅବକାରୀ ବିଭାଗ ପକ୍ଷରୁ ହୃଷୀକେଶ ବାରିକ ଓ ବାଉଁଶୁଣୀ ଥାନାର ପୋଲିସ କର୍ମଚାରୀ ମାନେ ସାମିଲ ଥିଲେ।

# ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଚାନ୍ଦା

**ସୋନପୁର, ୨୭।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡାସ୍ଥିତ ମହର୍ଷି ବୁଦ୍ଧରାମ ଯୁକ୍ତ ୨ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କଠାରୁ ବେଆଇନଭାବେ ଚାନ୍ଦା ମଗା ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରତି ଛାତ୍ରୀଛାତ୍ରଙ୍କଠାରୁ ବିନା ରସିଦରେ ୧୦୦ ଟଙ୍କା ମଗାଯାଇଛି । କଲେଜ ପରିସରରେ ମହର୍ଷି ବୁଦ୍ଧରାମଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଏବଂ ଏକ ବଡ ସଭା ଆୟୋଜନ କରି ଉକ୍ତ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ ବୋଲି କୁଆଡେ କୁହାଯାଇଥିଲା। କଲେଜର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜଣପିଛା ୧୦୦ ଟଙ୍କା ଦେଇଥିବା ଜଣାପଡିଛି। ଏହି ମହାବିଦ୍ୟାଳୟ ୧୯୯୪-୯୫ ମସିହାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ସିଦ୍ଧସନ୍ଥ ବାବା ଗିରିବର ଦାସଙ୍କ ନେତୃତ୍ୱରେ ମହର୍ଷି ବୁଦ୍ଧରାମଙ୍କ ସ୍ମୃତିରେ ଏହି କଲେଜ ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ କାଳ ଏହି କଲେଜ ପରିଚାଳନା ପାଇଁ ମେଣ୍ଡା ସହିତ ଆଖପାଖ ଗ୍ରାମବାସୀ ଅକୁଣ୍ଠ ସହଯୋଗ କରିଥିଲେ। ଏବେ କଲେଜ କର୍ତ୍ତୃପକ୍ଷ ପ୍ରତିଷ୍ଠାତା ସଦସ୍ୟମାନଙ୍କୁ କୌଣସି ସୂଚନା ନଦେଇ କଲେଜ ପରିସରରେ ମହର୍ଷି ବୁଦ୍ଧରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଉଦ୍ୟମ କରିବା ସହ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଚାନ୍ଦା ମାଗିଥିବା ପ୍ରଚାର ହେବା ପରେ ମେଣ୍ଡା ଗାଁରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଚର୍ଚ୍ଚା ଜୋର ଧରିବା ପରେ କଲେଜର ପୁରାତନ ଛାତ୍ର ପଙ୍କଜ ସାହୁ ଓ ବୀରେନ୍ଦ୍ର କୁମାର ଝାଙ୍କର ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରଘୁରାଜ ସିଂ ସେନାପତିଙ୍କୁ ପଚାରିବାରୁ ଏହା ସତ୍ୟ ବୋଲି କହିଥିଲେ । ତେବେ ଛାତ୍ରୀଛାତ୍ର ନୁହଁ ଅଭିଭାବକମାନେ ଟଙ୍କା ଦେଉଛନ୍ତି । ଏକ ମାସ ପୂର୍ବରୁ ଛାତ୍ରୀଛାତ୍ରଙ୍କ ଆପାର ଆଇଡି ଖୋଲିବା ପାଇଁ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମହର୍ଷି ବୁଦ୍ଧରାମଙ୍କୁ ସମ୍ମାନ ଜଣାଇ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ସେହିଦିନ କେତେଜଣ ଅଭିଭାବକ ଟଙ୍କା ଦେଇଥିଲେ, ପରେ ଛାତ୍ରୀଛାତ୍ର ଦେଇଛନ୍ତି ବୋଲି ଅଧ୍ୟକ୍ଷ କହିଛନ୍ତି। ତେବେ କଲେଜ ପରିସରରେ ପ୍ରତିମୂର୍ତ୍ତି ସ୍ଥାପନ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନଥିବା ସୋନପୁର ଉପଜିଲାପାଳ ତଥା କଲେଜ ପରିଚାଳନା ପରିଷଦ ସଭାପତି ଡ଼ ସୌମ୍ୟାରୂପା ରଥ କହିଛନ୍ତି।

**ଅଭିଭାବକ ସ୍ୱଇଚ୍ଛାରେ ଦେଉଛନ୍ତି: ମହର୍ଷି ବୁଦ୍ଧରାମ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ**

## ସିଙ୍ଗାରୀ ଛକ ନିକଟରେ ଦୁର୍ଘଟଣା: ୩ ଗୁରୁତର

**ବାଉଁଶୁଣୀ, ୨୭।୧୧ (ଦେବାଶିଷ ନେପାକ)**

ବୁଧବାର ସନ୍ଧ୍ୟା ୬ଟାରେ ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ସିଙ୍ଗାରୀ ଛକ ନିକଟରେ ଏକ ବାଇକ୍ ଜଣେ ପଥଚାରୀଙ୍କୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଜାତୀୟ ରାଜପଥ ଉପରେ ସାପ୍ତାହିକ ବଜାର ବସିଥିବା ବେଳେ ବୌଦ୍ଧ ପଟରୁ ଯାଉଥିବା ଏକ ବାଇକ୍ ସିଙ୍ଗାରୀ ଗ୍ରାମର ତୀର୍ଥ ନାଏକଙ୍କୁ ଧକ୍କା ଦେଇଥିଲା । ତୀର୍ଥ ଗୁରୁତର ଆହତ ହୋଇଥିବା ବେଳେ ବାଇକ୍ ଭାରସାମ୍ୟ ହରାଇ ପଡି ଯିବାରୁ ବାଇକ୍‌ରେ ଥିବା ସିଂହପାଲି ଗ୍ରାମର ଆରତ ପ୍ରଧାନ ଓ ଖଜାପଦର ଗ୍ରାମର ସୁଦାମ ମହାକୁଡ଼ ଗୁରୁତର ଆହତ ହୋଇଥିଲେ । ତୀର୍ଥ ନାଏକଙ୍କୁ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ସମ୍ବିଧାନ ଦିବସ ପାଳିତ

**ହରଭଙ୍ଗା, ୨୭।୧୧ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଲଳିତ କୁମାର ମେହେର ଯୋଗଦେଇ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ମୁଖବନ୍ଧ ପଠନ କରିଥିଲେ। ସଭାରେ ଅଧ୍ୟାପକ ପ୍ରମୋଦ କୁମାର ମହାପାତ୍ର, ଅଧ୍ୟାପିକା ସୁଷମାରାଣୀ ବହିଦାର, ଶୁଭ୍ରା ମଲିକ, ପୂଜାରାଣୀ ଦେଓ, ଦମୟନ୍ତୀ ପ୍ରଧାନ ଯୋଗଦେଇ ସମ୍ବିଧାନ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ୪୦ ଜଣ ଛାତ୍ରୀଛାତ୍ର ସନ୍ଦର୍ଭ ପାଠ କରିଥିଲେ । ଶେଷରେ ରଞ୍ଜିତ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲ୍ୟ ବିବାହମୁକ୍ତ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ବୌଦ୍ଧ, ୨୭।୧୧ (ଅଜିତ କୁମାର ବାରିକ)**

ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ବୁଧବାର ଦିନ ବାଲ୍ୟ ବିବାହ ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ପ୍ରଧାନ ବାଲ୍ୟବିବାହ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବାକୁ ମତବ୍ୟକ୍ତ କରିଥିଲେ। ବୌଦ୍ଧ ସିଡିପିଓ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ୱାହିଦା ବେଗମ ଯୋଗଦେଇ ବାଲ୍ୟ ବିବାହ ଆଇନ ରେ ଥିବା ଦଣ୍ଡବିଧାନ ଉପରେ କହିଥିଲେ। ବାଲ୍ୟ ବିବାହକୁ ଯେପରି ରୋକାଯାଇ ପାରିବ ସେନେଇ ସମସ୍ତେ ସଚେତନ ହେବା ଦରକାର ବୋଲି କହିଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ରାଜୀବ ନାୟକ ଯୋଗଦେଇ ବାଲ୍ୟ ବିବାହର ସାମାଜିକ କାରଣ, ଆଇନର ଦିଗ ଉପରେ ଆଲୋଚନା କରିବା ସହ ଜିଲାକୁ ବାଲ୍ୟବିବାହ ମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ । ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ବାଲ୍ୟ ବିବାହ ନିରାକରଣରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ମେହେର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ କରାଗଲେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବାଲ୍ୟ ବିବାହ ରୋକିବାକୁ ଶପଥ ପାଠ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ବାଲ୍ମୀକି ମହାକୁଡ, ଦିଲିପ ସାମଲ, ସୋନୁ ମେହେର, ସୁଧାମୟୀ ରଥ, ବିଶ୍ୱଜିତ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ମନମୁଣ୍ଡା, ୨୭।୧୧ (ବେଣୁଧର ପଧାନ)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଳାସପୁରର ୧୧ତମ ବାର୍ଷିକ କ୍ରୀଡା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ନୀଳାମ୍ବର ଖମାରି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୪୨ ଜଣ ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ମୌସମ ଡାଙ୍ଗ, ଆକାଂକ୍ଷା ମହାକୁଡ଼, ବିନ୍ମୟ ଛନ୍ଦ, ସୁଚୀସ୍ମିତା ମିଶ୍ର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଥିଲେ। ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚଣ୍ଡୀ ପ୍ରସାଦ ବେହେରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପରିଚାଳନା ସମିତିର ସଭାପତି ଖମାରି, ସମ୍ପାଦକ ସତ୍ୟ ନାରାୟଣ ବଘାର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ପଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଦମୟନ୍ତୀ ଗଡୁଆ ମଞ୍ଚ ପରିଚାଳନା କରିଥିଲେ। ସନତ କଲତା, ଜ୍ୟୋତ୍ସ୍ନା ପଧାନ, ଅନୁରାଧା ଖମାରି, ସ୍ୱିଟି ଦାଶ, ଭାଗ୍ୟଶ୍ରୀ ହାତୀ, ବିମଳା ବଘାର, ନମିତା ଛନ୍ଦ, କୃପାସିନ୍ଧୁ ବଘାର କ୍ରୀଡା ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ସତ୍ୟ ନାରାୟଣ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଯୁବ ଉତ୍ସବ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ସୋନପୁର, ୨୭।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ଅଧିକାରୀ ନରସିଂହ କୁମାର ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରାମସ୍ୱାମୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରତିନିଧି ଶରତ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଓ ଜିଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନେହେରୁ ଯୁବକେନ୍ଦ୍ର ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେଇଥିଲା । ସୁବର୍ଣ୍ଣପୁର ଜିଲାର ସମସ୍ତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକଭାବେ ପ୍ରଦ୍ୟୁମ୍ନ ସାହୁ, ଗଦାଧର ବାରିକ, ଚୌଧୁରୀ ବିଭାର, ଦୁର୍ଯ୍ୟୋଧନ ମେହେର, ରଶ୍ମୀରଞ୍ଜନ ବିଶି, କବିତାରେ ରଞ୍ଜିତ ପଣ୍ଡା, ନକୁଳ ନାଏକ ଓ ମୋବାଇଲ ଫଟୋଗ୍ରାଫରେ ପିନାକୀ ପଣ୍ଡା, ଦିନେଶ ମିଶ୍ର ଓ ସନ୍ତୋଷ କୁମାର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିପିନ ବିହାରୀ ଜେନା ସଂଯୋଜନା କରିଥିଲେ।

## ବ୍ଲକସ୍ତରୀୟ କଳାକାର ଚୟନ ପାଇଁ ପ୍ରସ୍ତୁତି ବୈଠକ

**ତରଭା, ୨୭।୧୧ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣ ଲୋକ ଉତ୍ସବ ପାଇଁ ତରଭା ବ୍ଲକସ୍ତରୀୟ କଳାକାର ଚୟନ ପାଇଁ ଏକ ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ଗଙ୍ଗାରାମ ବୁଡେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ତରଭାରୁ ଯେମିତି ଲୋକ କଳା ସଂସ୍କୃତି ସୁବର୍ଣ୍ଣ ଲୋକ ଉତ୍ସବକୁ ଯାଇ ପ୍ରଦର୍ଶିତ ହେବ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାନଭଞ୍ଜନ ମିଶ୍ର ବ୍ଲକର ସମସ୍ତ କଳାକାରଙ୍କୁ ନେଇ ଗୋଟିଏ ଭଲ ଦଳ ଚୟନ କରି ପ୍ରେରଣ କରିବାକୁ ମତ ରଖିଥିଲେ। କଳାକାର ଭବାନୀ ମିଶ୍ର, ବିକ୍ରମ ସାହୁ, ପବିତ୍ର ସାହୁ, ଗରିବ ମଲ୍ଲିକ, ବିମଳ ଭୋଇ ପ୍ରମୁଖ ବୈଠକରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଳିକାରେ ଅର୍ଚ୍ଚିତା, ଶକ୍ତି ବାଳକ ଚାମ୍ପିୟନ

**ଅମରପାଲି, ୨୭।୧୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ କଲେଜର ୩୯ ତମ ବାର୍ଷିକ କ୍ରୀଡା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଭୟ ବାଳିକା ଓ ବାଳକ ବିଭାଗରେ ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟ୍‌ପୁଟ ଥ୍ରୋ, ଡିସ୍‌କସ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବୀରମହାରାଜପୁର କଲେଜ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥି, ସୁବଳୟା ସମିତି ସଭ୍ୟା ଲିଲି ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ଦେଇ ପୁରସ୍କୃତ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ବାଳିକା ବିଭାଗରେ ଅର୍ଚ୍ଚିତା ପ୍ରଧାନ ଓ ବାଳକ ବିଭାଗରେ ଶକ୍ତି ମଲ୍ଲିକ ଚାମ୍ପିୟନ ହୋଇଥିଲେ। ଖେଳ ଶିକ୍ଷକ ପ୍ରଦୀପ ପଣ୍ଡା, ଜଟେସିଂହା ହାଇସ୍କୁଲ ଖେଳ ଶିକ୍ଷକ ଉପେନ୍ଦ୍ର ସାହୁ, କମିରା ହାଇସ୍କୁଲ ଖେଳ ଶିକ୍ଷକ ରଞ୍ଜିତ ପଧାନ ଖେଳ ପରିଚାଳନା କରିଥିଲେ। ଦେବାଶିଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରମାକାନ୍ତ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଏହା ସହିତ କଲେଜ କର୍ମଚାରୀମାନଙ୍କ ମଧ୍ୟରେ ହୋଇଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଦିଲ୍ଲୀପ ମେହେର ଏବଂ ୧୦୦ମିଟର ଦୌଡରେ ସଞ୍ଜୟ ମେଣ୍ଡିଲି ପ୍ରଥମ ସ୍ଥାନ ହାସଲ କରିଥିଲେ। ଅର୍ପିତା ନାୟକ, ପ୍ରଜ୍ଞା ନାୟକ, ମିତା ପ୍ରଧାନ,ଗୋପାଳ ଭୋଇ,ଶମ୍ଭୁ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉଭୟ ବର୍ଗର ଚାମ୍ପିୟନ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

**ସୁବଳୟା କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ**

# ଅମରପାଲି କ୍ରିକେଟ: ସେମିରେ ଡାହୁଣିପାଲି

**ଅମରପାଲି, ୨୭।୧୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମ୍‌ସ ଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ୩୧ତମ ଅମରପାଲି କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବହଳପଦର କେ.ଏଲ ରେଞ୍ଜ ଅଧିକାରୀ ମାନସ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ଆୟୋଜକ ସମ୍ପାଦକ କହ୍ନେଇ ଚରଣ ପ୍ରଧାନ, କ୍ରୀଡାବିତ ନିର୍ମଳ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଲୁତୁରପଙ୍କ ଓ କୁଞ୍ଜାପାଲି ମଧ୍ୟରେ ହୋଇଥିଲା। କୁଞ୍ଜାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ ହରାଇ ୧୦୬ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୯୭ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ତ୍ରୀବଣପୁର ଓ ଡାହୁଣିପାଲି ମଧ୍ୟରେ ହୋଇଥିଲା। ତ୍ରୀବଣପୁର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୦୪ ରନ କରିଥିଲା। ଜବାବରେ ଡାହୁଣିପାଲି ଦଳ ଆବଶ୍ୟକ ୧୦୫ରନକୁ ୯.୫ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା କୁଞ୍ଜାପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ଡାହୁଣିପାଲି ମଧ୍ୟରେ ହୋଇଥିଲା। ଡାହୁଣିପାଲି ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୫ ଉଇକେଟ ହରାଇ ୧୧୭ରନ କରିଥିଲା। ଜବାବରେ କୁଞ୍ଜାପାଲି ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୩ରନ କରି ପରାସ୍ତ ହୋଇଥିଲା। ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ମଣ୍ଡଳ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, କ୍ରୀଡା ସଙ୍ଗଠକ ସୁଶିଲ ପ୍ରଧାନ, ନାରାୟଣ ପ୍ରଧାନ, ବିଦ୍ୟାଧର ସାହୁ ଅତିଥିଭାବେ ଯୋଗଦେଇ ଡାହୁଣିପାଲିର ଅନୀଲ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡିକରେ ସୁରେଶ ବିଶି, ପ୍ରବୀଣ ଦାସ, ସବ୍ୟସାଚୀ ବଘାର, ସମ୍ବିତ ମାଝୀ ଅମ୍ପେୟାର, ଶୁଭେନ୍ଦୁ ଶେଖର ସାହୁ ସ୍କୋରର, ଅଂଶୁମାନ ପ୍ରଧାନ ଅନ୍‌ଲାଇନ ସ୍କୋରିଂ ଏବଂ ସୁଶିଲ ସାହୁ, ପ୍ରାଣବନ୍ଧୁ ସାହୁ ଏବଂ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

## ବଡ଼ଗାଁ ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ

**ବଡ଼ଗାଁ,୨୭।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ୨୫ ଓ ୨୬ ତାରିଖରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଶୀର୍ଷକ 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ଉପରେ ଦିଗ୍‌ଦର୍ଶନ। କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷା ବନଜାରାଣୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସମ୍ବିଧାନର ମୁଖବନ୍ଧ ପଠନ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକାଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଯୋଗଦେଇଥିଲେ।

## କର୍ଲାମୁଣ୍ଡାରେ ଆୟୁଷ୍ମାନ ଆରୋଗ୍ୟ ଶିବିର

**କର୍ଲାମୁଣ୍ଡା,୨୭।୧୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବୁଧବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁରୋଗ ବିଶେଷଜ୍ଞ ଡା. ଆଲୋକ ମେହେର, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଆଶିଷ କୁମାର ଧରୁଆ ପ୍ରମୁଖ ଯୋଗଦେଇ ୨୩ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସାସେବା ଯୋଗାଇଥିଲେ।



ବିଶ୍ରା ଥାନା ଆଗରେ ଧାରଣା ଦେଇଥିବା ଗ୍ରାମବାସୀ।

# କ୍ଷତିପୂରଣ ପରେ ଧାରଣାରୁ ଉଠିଲେ ଗ୍ରାମବାସୀ

**ବନ୍ଧମୁଣ୍ଡା,୨୭।୧୧(ସୁବ୍ରତ ଦେ)**

ବିଶ୍ରା ଥାନା ଅଧୀନ ଶାରୁବାହାଲ ଗାଁର ମୁଖ୍ୟ ରାସ୍ତାରେ ଗୋଟିଏ କାର ଗତ ୨୩ରେ ଏକ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ବାଇକରେ ଥିବା ଦମ୍ପତି ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ଅବସ୍ଥାରେ ବୁଧବାର ସକାଳେ ବାଇକ ଚାଳକ ମାତଲୁ ଓରାମ(୫୨)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଚାଳକଙ୍କ ଗିରଫ ଦାବିରେ ଗ୍ରାମବାସୀ ବିଶ୍ରା ଥାନା ଘେରାଉ କରିଥିଲେ। ସନ୍ଧ୍ୟା ହେବା ଯାଏ ଗ୍ରାମବାସୀ ନିଜ ଜିଦରେ ଅଡି ବସିଥିଲେ। ଖବର ପାଇ ରାଉରକେଲା ଡିଏସପି ନିର୍ମଳ ମହାପାତ୍ର ଓ ତହସିଲଦାର ପୁରୁଷୋତ୍ତମ ନାୟକ ବିଶ୍ରା ଥାନାରେ ପହଞ୍ଚି ଥିଲେ। ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ କାର ମାଲିକ ମୃତକଙ୍କ ପରିବାରଙ୍କୁ ୩୦ ହଜାର ଟଙ୍କା ଦେଇଥିଲେ। ଏଥିସହ ତହସିଲଦାର ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଦେଇଥିଲେ। ମୋଟ ୫୦ ହଜାର ଟଙ୍କା କ୍ଷତି ପୁରାଣ ପାଇଲା ପରେ ଉତ୍ୟକ୍ତ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

## ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**କୁତ୍ରା,୨୭।୧୧(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ଲାଷ୍ଟିକ ବ୍ୟବହାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ଲାଷ୍ଟିକ ବର୍ଜନକୁ ନେଇ ବିଭିନ୍ନ ସ୍ଲୋଗନ ଦେଇ ଗ୍ରାମ ପରିକ୍ରମା କରି ଜନ ସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ବିଦ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗୋଳ କିଶୋର ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା, ଆଞ୍ଚଳିକ ସାଧନ କର୍ମୀ ତପନ ସେଠୀ, କଟଙ୍ଗ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣିଧର ଆ, କଟଙ୍ଗ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସୁନିତି ଧାନୱାର ଉପସ୍ଥିତ ରହି ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ହେଉଥିବା କ୍ଷୟକ୍ଷତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ସ୍ଲୋଗାନ ଏବଂ ଡ୍ରଇଂ ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ପ୍ରିୟା ଓରାମ, ଆଲିଶା ଟପ୍ପୋ, ଦିନା ଜୟପୁରିଆ, ଶଶି ଛୁରା, ବିଜୟ କେର୍କେଟା, ଉଦିତ ସେଖର ସିଂ, ରବି କମାର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବନସୁରକ୍ଷା ସମିତିସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର

**କୁଆଁରମୁଣ୍ଡା,୨୭।୧୧(ମହେନ୍ଦ୍ର କୁମାର ସାହୁ)**

ବନ ସୁରକ୍ଷା ପାଇଁ ଗଠିତ ବନ ସୁରକ୍ଷା ସମିତି କର୍ମୀମାନଙ୍କର ଜୀବନ ଜୀବିକା ଉନ୍ନତି ନିମନ୍ତେ ମଙ୍ଗଳବାର କୁଆଁରମୁଣ୍ଡା ବନ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବନାଞ୍ଚଳର ରାଇବେର୍ନା, ବାନିଗୁନି, ଖୁଖୁଣ୍ଡୁବା ହାଲ, ଗୋବିରା, ତେଲିପୋଷ, ଚଇନପୁର, ଦୁମୁକିଶିହିରିଆ, ହରିହରପୁରକୁ ମିଶାଇ ମୋଟ ୮ଟି ବନ ସୁରକ୍ଷା ସମିତିର କର୍ମୀମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ରେଞ୍ଜର ପଞ୍ଚନାରାୟଣ ସରାଫଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିବିରାର୍ଥୀମାନଙ୍କୁ ଛତୁ ଚାଷ,ଜିଆଖତ ଚାଷ,ପନିପରିବା ତଥା ଉଦ୍ୟାନଭିତ୍ତିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୁଆଁରମୁଣ୍ଡା ଉଦ୍ୟାନ ବିଭାଗ ଅଧିକାରୀ ଅକ୍ଷୟ ନାଏକ, ଲାଠିକଟା ସିଡିଓ ରୁଦ୍ର ମୋହନ ମହାନ୍ତି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଲହୁଣୀପଡ଼ାର ଏସଜିୟୁପି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆୟୋଜିତ ହୋଇଥିଲା ବେଳେ ଦୁଃଶାସନ ମାହାନ୍ତ, ରବୀନ୍ଦ୍ର ମାହାନ୍ତ, ରବୀନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।


କୁଆଁରମୁଣ୍ଡା ବନ ରେଞ୍ଜ କାର୍ଯ୍ୟାଳୟରେ ଅନୁଷ୍ଠିତ ବନ ସୁରକ୍ଷା ସମିତିର ଜୀବନ ଜୀବିକା ଦକ୍ଷତା ବିକାଶ ତାଲିମ ଶିବିର।

# ସରକାରୀ ମହିଳା କଲେଜରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ



ଅଧାପିକା ଅଧାପକ ଓ ଛାତ୍ରୀମାନେ ଶପଥ ନେଉଛନ୍ତି।

**ସୁନ୍ଦରଗଡ଼,୨୭।୧୧(ଜୟ ନାରାୟଣ ମେଣ୍ଟୁଲି)**

ବାଲ୍ୟ ବିବାହ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ଏବଂ ଜିତା ଅନୁଷ୍ଠାନ ସହଯୋଗରେ ବୁଧବାର ଏକ ସଚେତନତା ରାଲି ଓ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଡିଏସପି କାଦମ୍ବିନୀ ସାମଲ, ଅତିରିକ୍ତ ଜିଲା ଶିକ୍ଷା ଅଧିକାର ସାରଙ୍ଗଧର ବରିହା, ଜିଲା ଆଇନ ସେବା ପ୍ରାଧୀକରଣର ସମ୍ପାଦିକା ଡ. ରୀନତି ମିଶ୍ର, ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ନନ୍ଦଲାଲ ନାଏକ, ସମାଜ କଲ୍ୟାଣ ଅଧିକାରୀ କନକଲତା ନାଏକ, ସୁରକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ମହାପାତ୍ର, ଆକ୍ସନ ଏଡର ମୀନାକ୍ଷୀ ପ୍ରଧାନ, ସରକାରୀ ମହାନ୍ତି ମହାବିଦ୍ୟାଳୟର ଅଧକ୍ଷା ଇନ୍ଦିରା ଗଡନାୟକ, ଜିତା ଅନୁଷ୍ଠାନର ଅନୁପମା ରାଉତ, କାର୍ଯ୍ୟକ୍ରମ ସଂଯୋଜିକା ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ରୋକିବା ପାଇଁ ରହିଥିବା ଆଇନ,ବାଲ୍ୟ ବିବାହ ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁ ପ୍ରଭାବ ଏବଂ ଏ ଦିଗରେ ସଚେତନତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଜିତା ଶିଶୁମାନଙ୍କ ପାଇଁ ନ୍ୟାୟ ଅଧିକାରର ଏକ ଅଂଶ ଯାହା ଶିଶୁ ସୁରକ୍ଷା ଅଧିକାର ପାଇଁ କାର୍ଯ୍ୟ କରୁଥିବା ୨୫୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶୀଦାରଙ୍କ ଏକ ଜାତୀୟ ମେଣ୍ଟ ବୋଲି ଆୟୋଜକ ସଂଗଠନ ପକ୍ଷରୁ ସୂଚିତ କରାଯାଇଥିଲା। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ବାଲ୍ୟ ବିବାହ ବିରୋଧରେ ଭାରତ ସରକାର 'ବାଲ୍ୟ ବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଜିତା ଅନୁଷ୍ଠାନ ସହଯୋଗରେ ଜିଲାର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଓ ଗ୍ରାମସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ନନ୍ଦଲାଲ ନାଏକ ଯୋଗ ଦେଇ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ବାଲ୍ୟ ବିବାହ ବିରୋଧରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ଜିଲା ଆଇନସେବା ପ୍ରାଧୀକରଣର ସମ୍ପାଦିକା ଡ. ରୀନତି ମିଶ୍ର ଛାତ୍ରୀମାନଙ୍କୁ ସମ୍ମାନ ଏବଂ ସୁଖର ସହିତ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ ବଦ୍ଧ ପରିକର ହେବାକୁ ପରାମର୍ଶ ଦେଇଥିଲେ।

## ରାଉରକେଲା ଏନ୍‌ଆଇଟିରେ ସମ୍ବିଧାନ ଦିବସ

**ରାଉରକେଲା,୨୭।୧୧(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପକ୍ଷରୁ ଆର୍‌ଇସି କ୍ୟାମ୍ପସ ସ୍କୁଲର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀମାନଙ୍କୁ ନେଇ ମଙ୍ଗଳବାର ସିନେଟ୍ ହଲ୍‌ରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସମ୍ବିଧାନ ପ୍ରଣୟନର ୭୫ବର୍ଷ ପୂର୍ତ୍ତି ଏବଂ ବର୍ଷବ୍ୟାପୀ ଜନଜାତୀୟ ଗୌରବ ଦିବସ ଅବସରରେ ଏହା ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ଆଦିବାସୀ ସମ୍ପ୍ରଦାୟ ସେମାନଙ୍କ ପରମ୍ପରା ମାଧ୍ୟମରେ ପରିବେଶ ସଂରକ୍ଷଣ ଏବଂ ଜୈବ ବିବିଧତା ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆନ୍ତି ବୋଲି ରାଓ କହିଥିଲେ। ଏନ୍‌ଆଇଟି ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ଏସ୍. କେ. ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ଦେଶମାତୃକା ପ୍ରୀତି ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଏନ୍‌ଆଇଟି ମାନବୀୟ ଓ ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ନାରାୟଣ ସେଠୀ ଜାତି ଓ ଲିଙ୍ଗ ଭିତ୍ତିରେ ଭେଦଭାବ ଦୂର କରିବା ଏବଂ ଭାରତୀୟ ସମ୍ବିଧାନର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପରେ ପ୍ରଫେସର ନେହା ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ପ୍ରଫେସର ବିକାଶ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ପ୍ରଫେସର ଆର୍ଯ୍ୟା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ରାଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ୱେବିନାରରେ ଯୋଗ ଦେଇଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପଶ୍ଚିମାଞ୍ଚଳ ପୋଲିସ ଡିଆଇଜିଙ୍କ ବୀରମିତ୍ରପୁର ଥାନା ପରିଦର୍ଶନ


ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ବୀରମିତ୍ରପୁର ଥାନା ପରିଦର୍ଶନ କରିବା ପରେ ଅନ୍ୟ ପୋଲିସଙ୍କ ସହ ।

**କୁଆଁରମୁଣ୍ଡା,୨୭।୧୧(ମହେନ୍ଦ୍ର କୁମାର ସାହୁ)**

ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ବ୍ରିଜେଶ କୁମାର ରାୟ ବୁଧବାର ବୀରମିତ୍ରପୁର ଥାନା ପରିଦର୍ଶନ କରିଥିଲେ। ଏହି ସମୟରେ ଥାନାର ବିଭିନ୍ନ କେସ ରେକର୍ଡ ଯାଞ୍ଚ କରିବା ପରେ ୬ ମାସ ମଧ୍ୟରେ ୨୯୭ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା,ଗ୍ରାମାଞ୍ଚଳରେ ଆମ ପୋଲିସ ବୈଠକ ଆଦି କରାଯିବ କାର୍ଯ୍ୟକୁ ନେଇ ଥାନାଧିକାରୀ ବନ୍ଦନା ପାତ୍ରଙ୍କୁ ପ୍ରଶଂସା କରିଥିଲେ। ସେହିପରି ଥାନାରେ ଅନୁଷ୍ଠିତ ଆମ ପୋଲିସ ବୈଠକରେ ଯୋଗଦେଇ ଡିଆଇଜି ରାୟ ବୀରମିତ୍ରପୁର ସହରର ବହୁ ବୁଦ୍ଧିଜୀବୀ, ଖବରଦାତାଙ୍କ ସହ ସହରର ଆଇନଶୃଙ୍ଖଳା କିଭଳି ସୁଦୃଢ଼ ରହିବ,ରାତ୍ରୀକାଳୀନ ପୋଲିସ ପାଟ୍ରୋଲିଂ ଆଦି ବିଷୟରେ ଆଲୋଚନା କରିଥିଲେ। ଡିଆଇଜି ରାୟଙ୍କ ଏହି ପରିଦର୍ଶନ ସମୟରେ ସୁନ୍ଦରଗଡ ଏସପି ପ୍ରତ୍ୟୁଷ ଦିବାକର, ଟ୍ରେନି ଏସପି ଅନନ୍ୟା ଅଗସ୍ତି ଉପସ୍ଥିତ ଥିଲେ। ଥାନା ପରିଦର୍ଶନ ଆଇଆଇସି ବନ୍ଦନା ପାତ୍ର,ଏସଡିପିଓ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ବେଳେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଓ ବୀରମିତ୍ରପୁର ପୋଲିସ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

## କିଟ୍‌ରେ ଫୁଟ୍‌ବଲ ତାଲିମ ନେଲେ ୪୦ ଖେଳାଳି

**ବନ୍ଧମୁଣ୍ଡା,୨୭।୧୧ (ସୁବ୍ରତ ଦେ):** ଭୁବନେଶ୍ୱରସ୍ଥିତ କିଟ୍‌ଠାରେ ଫୁଟ୍‌ବଲ ତାଲିମ ନେଇ ଫେରିଲେ ୪୦ ଜଣ ଖେଳାଳି। ବିଶ୍ରା, ଲାଠିକାଟା, ନୂଆଗାଁ, କୁଆଁରମୁଣ୍ଡା ବ୍ଲକ୍‌ର ମୋଟ ୪୦ ଜଣ ଫୁଟ୍‌ବଲ ଖେଳାଳିଙ୍କୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସିଏସ୍‌ଆର୍ ବିଭାଗ ତରଫରୁ ଏହି ତାଲିମ ପାଇଁ ପଠାଯାଇଥିଲା। ଏହି ୪୦ ଜଣ ଖେଳାଳି ଅକ୍ଟୋବର ୨୧ ତାରିଖରୁ ନଭେମ୍ବର ୧୮ ଯାଏ ତାଲିମ ନେବା ପରେ ନିଜ ନିଜ ଅଞ୍ଚଳକୁ ଫେରିଛନ୍ତି। ବନ୍ଧମୁଣ୍ଡାର ଫୁଟ୍‌ବଲ ଖେଳପ୍ରେମୀ ସୁଲେଜର ଓରାମ ଏହି ଖେଳାଳିମାନଙ୍କୁ ଭେଟି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ତାଲିମ ନେଇ ଫେରିଥିବା ଖେଳାଳି।

## ଉପଖଣ୍ଡ ସ୍ତରୀୟ ୩ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ବଣାଇଁ,୨୭।୧୧(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁଠାରେ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ସ୍ଥାନୀୟ ରାଜା ଧରଣୀଧର ବହୁମୁଖୀ ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ମେଳାକୁ ସୁନ୍ଦରଗଡ଼ ଜିଲା ପରିଷଦ ଉପାଧକ୍ଷ କମଳ ଲାକ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ କୃଷି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷକଙ୍କୁ କୃଷିର ଆଧୁନିକୀକରଣ ପ୍ରଣାଳୀ ସମ୍ପର୍କରେ ସଚେତନତା ଓ ସରକାରଙ୍କ ପ୍ରୋତ୍ସାହନରେ କୃଷି ଯନ୍ତ୍ରପାତି କ୍ରୟ କ୍ଷେତ୍ରରେ ସବସିଡି ନେଇ ଥିବା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରହିଥିବା ଅତିଥିମାନେ ମତ ଦେଇଛନ୍ତି। ଉଦଘାଟନୀ ମେଳାରେ ଅନ୍ୟତମ ଅତିଥିଭାବେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମୂହ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସୁନ୍ଦରଗଡ଼ ଏମପି ପ୍ରତିନିଧି ମନୋଜ ପ୍ରଧାନ, ବଣାଇଁ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀଙ୍କ ସମେତ ଜିଲା କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ମେଳା ୩ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ୨୫ଟି କୃଷି ଯନ୍ତ୍ରପାତିର ଷ୍ଟଲ ଲଗାଯାଇଛି। ଇଚ୍ଛୁକ କୃଷକମାନେ ଆବଶ୍ୟକ ସ୍ଥଳେ ଏହିଠାରେ ନାମ ପଞ୍ଜୀକୃତ କରି ଆବଶ୍ୟକୀୟ ସୁବିଧା ପାଇବେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।




# ସେଲ୍ ସାବାସ ଯୋଜନାରେ ୧୦ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

**ରାଉରକେଲା,୨୭।୧୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର କେନ୍ଦ୍ରୀକୃତ ମେକାନିକାଲ ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ବିଭାଗର ୧୦ଜଣ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଆର୍‌ଏସ୍‌ପି ସିଜିଏମ୍ ମେକାନିକାଲଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ସିଜିଏମ୍ ଆର. ଏନ୍ ରାଜେନ୍ଦ୍ରନ ଅଧକ୍ଷତା କରି କର୍ମଚାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏଫ୍‌ଏମ୍ (ଏମ୍) ଓ ପରିବହନ ବିଭାଗର ଜିଏମ୍ ଇନ୍‌ଚାର୍ଜ ଅବକାଶ ମଲ୍ଲିକ, ଏମ୍‌ଏସ୍(ଏସ୍) ବିଭାଗର ଜିଏମ୍ ଏ. ଘୋଷ, ଏଫ୍‌ଏମ୍ (ଏମ୍) ବିଭାଗର ଜିଏମ୍ ଏସ୍ ଏସ୍. ପଲ, ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଜେ. କେ. ଦାସଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏଫ୍‌ଏମ୍ (ଏମ୍) ବିଭାଗର ୬ଜଣ କର୍ମଚାରୀ, ଏମ୍‌ଏସ୍ (ଏସ୍) ବିଭାଗର ୨ଜଣ ଏବଂ ପରିବହନ ବିଭାଗର ୨ଜଣ କର୍ମଚାରୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶଂସାପତ୍ର ଗ୍ରହଣ କରିଥିବା ବ୍ୟକ୍ତିମାନେ ହେଲେ ଏଫ୍‌ଏମ୍ (ଏମ୍) ବିଭାଗର ମାଷ୍ଟର ଟେକ୍ନିସିଆନ ଇ. ଖାଲକୋ, ଟେକ୍ନିସିଆନ ବି. କେ. ବାଇନ୍, ଏ. ସିଂ, ବରିଷ୍ଠ ଟେକ୍ନିସିଆନ ଟି. ପ୍ରଧାନ, ଜି. ଦାସ, ଏସ୍‌ଏସ୍‌ଡବ୍ଲ୍ୟୁ ସି. ଚୌଧୁରୀ(ଅଟୋମୋବାଇଲ) ପରିବହନ ବିଭାଗର ସିନିୟର ଅପରେଟର ପି. କେ. ଛତର, ସିନିୟର ଅପରେଟର ସି. ଶର୍ମା, ଏମ୍‌ଏସ୍ (ଏସ୍) ବିଭାଗର ସିନିୟର ଟେକ୍ନିସିଆନ ସି.ଏସ୍. ସେଠୀ ଓ ଏସ୍‌ଏସ୍‌ଡବ୍ଲ୍ୟୁର ସୁଶ୍ରୀ କେ. ତିର୍କୀ। ସିଜିଏମ୍ ସଚିବାଳୟର ଡିଜିଏମ୍ ଏସ୍. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ପୁରସ୍କୃତ କର୍ମଚାରୀଙ୍କ ସହିତ ଆର୍‌ଏସ୍‌ପି ଅଧିକାରୀଗଣ।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଲହୁଣୀପଡା,୨୭।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କୁଡେଇକଳା ପଞ୍ଚାୟତ ଘଣିଘସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଲହୁଣୀପଡା ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୌମ୍ୟ ରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଏବିଇଓ ନରହରି କିଷାନ, ସରପଞ୍ଚ ଶିବ ଶଙ୍କର ନାଏକ, ସମିତି ସଭ୍ୟ ଆକାଶ ମାହାନ୍ତ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ଅଶୁତୋଷ ନାୟକ ଯୋଗଦେଇଥିଲେ। ବିଇଓ ଭଗବାନ ବାଙ୍ଗୀରାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସିଆରସିସି ହରିପଦ ଜେନା ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗଣନାଥ ବାରିକ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଦିଲୀପ କୁମାର କିଷାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଗୁଡିକରେ ପ୍ରାୟ ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟତଃ ଖାଦ୍ୟ,ସ୍ୱାସ୍ଥ୍ୟ, ପରିମଳ ବିଷୟ ବସ୍ତୁ ଉପରେ ଆଧାରିତ ବାଲ ବୈଜ୍ଞାନିକମାନେ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଯଦୁପତି ମହାବିଦ୍ୟାଳୟର ଅଧାପକ ସୁଜିତ କୁମାର ମେଲି, ଅବସରପ୍ରାପ୍ତ ଅଧାପକ ମିଶ୍ର ମାହାନ୍ତ ଏବଂ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ମାହାନ୍ତ ଓ ହେମନ୍ତ କୁମାର ମିଶ୍ର ମୂଲ୍ୟାଙ୍କନ କରିଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ୩ ସ୍ତରର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଛାତ୍ରୀଛାତ୍ରମାନେ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏଡିଡବ୍ଲ୍ୟୁଓ ଅଜୟ କୁମାର ଜେନା ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସଭା ଶେଷରେ ସିଆରସିସି ତପନ କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମୁଖ୍ୟ ଅତିଥି ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ରେଢାଖୋଲରେ ଖୋଲିଲା ଧାନମଣ୍ଡି**

ରେଢାଖୋଲ,(ଅଚ୍ୟୁତାନନ୍ଦ ପୁରୋହିତ): ରେଢାଖୋଲ ଉପଖଣ୍ଡରେ ବୁଧବାର ଧାନମଣ୍ଡି ଖୋଲିଛି। ପ୍ରଥମ ଦିନ ରେଢାଖୋଲ ବ୍ଲକ ଚାରମାଳ ମଣ୍ଡିରୁ ୫୦୦ବସ୍ତା ଓ ନାକଟିଦେଉଳ ମଣ୍ଡିରେ ୫୯୦ ବସ୍ତା ଧାନକ୍ରୟ କରାଯାଇଛି। ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ଧାନକ୍ରୟର ଶୁଭାରମ୍ଭ କରିଥିଲେ। ଭାରପ୍ରାପ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଲମାନ ଟେଟେ, ଏଆର୍‌ସିଏସ ସଞ୍ଜୟ ତ୍ରିପାଠୀ, ଏସଆର୍‌ସିଏସ ଯମୁନା ମାଝୀ ଏହି ଅବସରରେ ଉପସ୍ଥିତ ଥିଲେ। ରେଢାଖୋଲ ବ୍ଲକରେ ୮ଟି କ୍ରୟ କେନ୍ଦ୍ର ଖୋଲିଥିବା ବେଳେ ନାକଟିଦେଉଳ ବ୍ଲକରେ ୧୦ଟି ଧାନକ୍ରୟ କେନ୍ଦ୍ର ଖୋଲିଛି।

# କୁଚିଣ୍ଡା ଉପଖଣ୍ଡରେ ଆରମ୍ଭ ହେଲା ଖରିଫ ଧାନକ୍ରୟ

**କୁଚିଣ୍ଡା,୨୭।୧୧(ବିରଞ୍ଚି ଦର୍ଶୀ)**


ପାରୁଆଭାଡ଼ି ମଣ୍ଡିରେ ଥିବା ଚାଷୀଙ୍କ ଧାନ ପ୍ୟାକେଟ।

- ମଣ୍ଡିରେ ପଡ଼ିଛି ୨୯ଚାଷୀଙ୍କ ୩୪୬୨ ପ୍ୟାକେଟ
- କ୍ରୟ ହୋଇନି ଗୋଟିଏ ବି ପ୍ୟାକେଟ ଧାନ

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ବୁଧବାରଠାରୁ ଖରିଫ ଧାନକ୍ରୟ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ୧୨ଗୋଟି ମଣ୍ଡିରେ ଲ୍ୟାମ୍ପ୍ସ(ସମବାୟ ସମିତି) ଧାନକ୍ରୟ କରିଛି। ହେଲେ ପ୍ରଥମ ଦିନରେ ଚାଷୀମାନେ ବିଭିନ୍ନ ମଣ୍ଡିକୁ ଧାନ ଆଣି ଥିଲେ ହେଁ ଜଣେ ହେଲେ ଚାଷୀଙ୍କ ଗୋଟିଏ ପ୍ୟାକେଟ ଧାନ କିଣାଯାଇନାହିଁ। ମଣ୍ଡିରେ ଖୋଲା ଆକାଶ ତଳେ ଧାନସବୁ ପଡିରହିଥିବା ଦେଖିବାକୁ ମିଳିଛି। କୁଚିଣ୍ଡା ବ୍ଲକର ପାରୁଆଭାଡି ମଣ୍ଡିରେ ୩ଜଣ ଚାଷୀଙ୍କ ୨୫୭ପ୍ୟାକେଟ, ବକ୍ସମା ମଣ୍ଡିରେ ୪ଜଣ ଚାଷୀଙ୍କ ୫୮୪ ପ୍ୟାକେଟ, କୁସୁମୀ ମଣ୍ଡିରେ ଜଣେ ଚାଷୀଙ୍କ ୧୬୭ପ୍ୟାକେଟ, ସାଲେଭାଡି ମଣ୍ଡିରେ ୩ଜଣ ଚାଷୀଙ୍କ ୩୮୬ ପ୍ୟାକେଟ, ବାମରା ବ୍ଲକର କେଶାଇବାହାଲ ମଣ୍ଡିରେ ୨ଜଣ ଚାଷୀଙ୍କ ୨୦୦ପ୍ୟାକେଟ ଧାନ ପଡିରହିଛି। ସେହିପରି ଜମନକିରା ବ୍ଲକର ଡିମିରିମୁଣ୍ଡା ମଣ୍ଡିରେ ୭ଜଣ ଚାଷୀଙ୍କ ୭୦୪ ପ୍ୟାକେଟ, ବଡମାଲ ମଣ୍ଡିରେ ୫ଜଣ ଚାଷୀଙ୍କ ୭୩୭ପ୍ୟାକେଟ, ପଧାନପାଲି ମଣ୍ଡିରେ ୩ଜଣ ଚାଷୀଙ୍କ ୨୫୭ପ୍ୟାକେଟ, ଗୁଣ୍ଡୁରୁଚୁଆଁ ମଣ୍ଡିରେ ଜଣେ ଚାଷୀଙ୍କ ୧୭୦ପ୍ୟାକେଟ ଧାନ ପଡିରହିଛି। ବାମରା ବ୍ଲକର ଉଚ୍ଚକାପାଟ ଓ ଜମନକିରା ବ୍ଲକର ଧୁଡିପାଲି ଓ ଟିଁକିଲିପଡା ମୁଣ୍ଡିକୁ ଜଣେ ହେଲେ ଚାଷୀ ଧାନବିକ୍ରି ପାଇଁ ଆଣି ନ ଥିବା ସୂଚନା ମିଳିଛି। ପ୍ରଥମ ଦିନରେ କୁଚିଣ୍ଡା ଉପଖଣ୍ଡରେ ୨୯ଜଣ ଚାଷୀ ୩୪୬୨ ପ୍ୟାକେଟ ଧାନ ମଣ୍ଡିକୁ ଆଣିଥିଲେ ମଧ ମିଲର୍ସ ଆସି ନ ଥିବାରୁ ଚାଷୀଙ୍କ ଧାନ କ୍ରୟ ହୋଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀମାନେ ମଣ୍ଡିରେ ଧାନସବୁକୁ ପକାଇ ଦେଇ ଚାଲିଯାଇଛନ୍ତି। ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ଏ ନେଇ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସମବାୟ ବିଭାଗର ସହକାରୀ ନିବନ୍ଧକ ପ୍ରଦୀପ ପ୍ରଧାନଙ୍କୁ ପଚାରିବାରେ ଆମ ପାଖରେ କୌଣସି ତଥ୍ୟ ନଥିବା କହିଛନ୍ତି। ହେଲେ ଯୋଗାଣ ବିଭାଗ ଓ ସମବାୟ ବିଭାଗ ପକ୍ଷରୁ ଦୈନନ୍ଦିନ ଧାନକ୍ରୟ ରିପୋର୍ଟ ଜିଲା ପ୍ରଶାସନ ଓ ସରକାରଙ୍କୁ ଅନଲାଇନ ମାଧ୍ୟମରେ ପ୍ରଦାନ କରିବା ସରକାରୀ ପ୍ରାବଧାନ ରହିଛି। ହେଲେ କୁଚିଣ୍ଡା ଉପଖଣ୍ଡରେ ଯୋଗାଣ ବିଭାଗ ଓ ସମବାୟ ବିଭାଗ ଅଧିକାରୀଙ୍କ ଏଭଳି ବେପରୁଆ ମନୋଭାବ ଯୋଗୁଁ କିଭଳି ଭାବେ ଧାନକ୍ରୟ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଚାଷୀ କୁଇଣ୍ଟାଲ ପ୍ରତି ଏମ୍‌ଏସ୍‌ପି ୨୩ଶହ ଟଙ୍କା ଓ ଇନ୍‌ପୁଟ ସହାୟତା ୮ଶହ ଏଭଳି ୩୧ଶହ ଟଙ୍କା ପାଇବେ। ସରକାର ଧାନକ୍ରୟ କିଭଳି ବ୍ୟବସ୍ଥିତ ଢଙ୍ଗରେ ହେବ ସେନେଇ ଗୁରୁତ୍ୱ ଦେଉଛନ୍ତି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଏଭଳି ବେପରୁଆ ମନୋଭାବ ଯୋଗୁ ମଣ୍ଡିରେ ମିଲର୍ସ ଟ୍ୟାଗ ହୋଇଥିଲେ ହେଁ ଜଣେ ହେଲେ ଚାଷୀଙ୍କ ଧାନକ୍ରୟ ପାଇଁ ମଣ୍ଡିକୁ ଆସି ନ ଥିବାରୁ ଆରମ୍ଭରୁ ହିଁ ବିଶୃଙ୍ଖଳା ଦେଖାଦେଇଥିବା ସ୍ପଷ୍ଟ ହୋଇଛି।

# ଶିଶୁ ପ୍ରଗତିର ମୂଲ୍ୟାଙ୍କନ ପାଇଁ ଇସିସିଇ ମେଳା


ଗୁମକରମା 'ବି' ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ମେଳାରେ ଅତିଥି ଓ ପିଲାମାନେ।

**ସମ୍ବଲପୁର,୨୭।୧୧(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍ ସିଏସ୍‌ଆର ବିଭାଗ ପକ୍ଷରୁ ପ୍ରାରମ୍ଭିକ ଶିଶୁ ଯତ୍ନ ଏବଂ ଶିକ୍ଷା(ଇସିସିଇ) ମେଳା ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଗୁମକରମା ବି ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହୋଇଯାଇଛି । ଏଥିରେ ଘିଚାମୁରା ଗ୍ରାମ ପଞ୍ଚାୟତର ସମସ୍ତ ୮ ଅଙ୍ଗନୱାଡି କେନ୍ଦ୍ରର ୧୩୨ଛାତ୍ରୀଛାତ୍ର ଏବଂ ସେମାନଙ୍କ ମାତାପିତା ଅଂଶଗ୍ରହଣ କରିଥିଲେ। ଆକାଂକ୍ଷା ଲେଡିଜ କ୍ଲବ ସଭାନେତ୍ରୀ ନିଲମ ସିଂ ଯୋଗଦେଇ ଶିଶୁ କଲ୍ୟାଣ ଏବଂ ଶିକ୍ଷା ଓ ଶିଶୁ ପ୍ରଗତିର ମୂଲ୍ୟାୟନ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରେଙ୍ଗାଲି ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଟିକନାଥ ଭଇଁସାଲ ଏବଂ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ଅନୀତା ସେଶାନୀ ବକ୍ତାଭାବେ ଯୋଗଦେଇଥିଲେ। ଆମ ଦେଶର ଭବିଷ୍ୟତ ଆମ ପିଲାମାନଙ୍କ ହାତରେ ଅଛି। ତେଣୁ ଆମେ ସେମାନଙ୍କ ପ୍ରାରମ୍ଭିକ ବର୍ଷରେ ବିନିଯୋଗ କଲେ ଉତ୍ତମ ସମ୍ଭାବ୍ୟ ଆରମ୍ଭ ହୋଇପାରିବ। ଏହି ମେଳାରେ ବିଭିନ୍ନ ଖେଳ, କାହାଣୀ କହିବା, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର କର୍ମଶାଳା, ଏବଂ ସାଂସ୍କୃତିକ ପ୍ରଦର୍ଶନ, ଏକାଧିକ ବିକାଶ କ୍ଷେତ୍ର ମଧ୍ୟରେ ପିଲାମାନଙ୍କର ଅଗ୍ରଗତି ପ୍ରଦର୍ଶନ କରାଯାଇଥିଲା । ଜେଏସଡବ୍ଲ୍ୟୁ-ବିପିଏସଏଲ ସିଏସଆର ବିଭାଗ ମୁଖ୍ୟ ବିଶାଳ ରାଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।

# ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୨ ଉଦ୍‌ଘାଟିତ



**ସମ୍ବଲପୁର,୨୭।୧୧(ବି.ଶଙ୍କର)**

ବନ୍ଦନା ଆର୍ଟ କର୍ନର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୨ ସମ୍ବଲପୁର ବଡବଜାର ଗୌରିଶଙ୍କର ସାହାଣୀ ପାର୍କସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ବୁଧବାର ଉଦ୍‌ଘାଟିତ ହୋଇଛି। ଗଙ୍ଗାଧର ମେହେର ବିଶ୍ୱଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗରାଜୁ ମୁଖ୍ୟ ଅତିଥି, ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜକ ଅନୁଷ୍ଠାନ ଅଧ୍ୟକ୍ଷା ବନ୍ଦନା ପଣ୍ଡା ଚିତ୍ରକଳା ପ୍ରଦର୍ଶନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ସାଂସ୍କୃତିକା ପୁରୋହିତ ସଂଯୋଜନା କରିଥିଲେ। ପ୍ରଦର୍ଶନୀରେ ମହିଳା ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ସ୍ଥାନ ପାଇଛି । ଏହି ପ୍ରଦର୍ଶନୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ପୂର୍ବାହ୍ନ ୧୧ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ପ୍ରଦର୍ଶନୀ ଖୋଲା ରହିବ । ଆଗାମୀ ୨୯ ତାରିଖ ଅପରାହ୍ନରେ ରଙ୍ଗୋଲି ଏବଂ ମେହେନ୍ଦି ପ୍ରତିଯୋଗିତା ହେବ। କାର୍ଯ୍ୟକ୍ରମରେ ରାଜୀବ ପଣ୍ଡା, କରୁଣାକର ଶତପଥୀ, ପ୍ରଶାନ୍ତ ମାଝି, ବିଦ୍ୟାପତି ପ୍ରଧାନ, ନୈତିକ ଲାଲ ବାରିକ, ସମୀର ମହାରଣା ସହଯୋଗ କରିଥିଲେ। ସୁଦିତି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାସିକ ବିଦ୍ୟୁତ୍ ବିଲ ପୈଠ କରିବା ଉପଭୋକ୍ତାଙ୍କ ଦାୟିତ୍ୱ

**ସମ୍ବଲପୁର,୨୭।୧୧(ବି.ଶଙ୍କର)**


କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ସୂଚନା ଦେଉଛନ୍ତି ।

**ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପେ ଆଣ୍ଡ ୱଇନ ବିଜେତାଙ୍କ ନାମ ଘୋଷଣା**

ପଶ୍ଚିମ ଓଡ଼ିଶାର ବିଦ୍ୟୁତ ସେବାରେ ଉନ୍ନତୀକରଣ ପାଇଁ ମାସିକ ବିଲ ପୈଠ କରିବା ଉପଭୋକ୍ତାଙ୍କ ଏକ ଦାୟିତ୍ୱ। ଲକ୍ଷାଧିକ ଉପଭୋକ୍ତା ସେମାନଙ୍କ ମାସିକ ବିଦ୍ୟୁତ୍ ବିଲ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ମାସରେ ପ୍ରଦାନ କରିଥାନ୍ତି । ପେ ଆଣ୍ଡ ୱଇନି ସ୍କିମ ମାଧ୍ୟମରେ ସେହି ଉପଭୋକ୍ତାମାନଙ୍କୁ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯିବ। ଏହି ଯୋଜନା ଗତ ଅଗଷ୍ଟ ମାସରୁ ଆରମ୍ଭ କରାଯାଇଛି। ସମ୍ବଲପୁର ଅଇଁଠାପାଲି ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିଡବ୍ଲ୍ୟୁଓଡିଏଲ) କମର୍ସିଆଲ ବିଭାଗର ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ଏହା ସୂଚିତ କରିଛନ୍ତି। ସେ କହିଛନ୍ତି, ଏହି ସ୍କିମର ନିୟମ ଅନୁସାରେ ଟିପିଡବ୍ଲ୍ୟୁଓଡିଏଲର ଯୋଗ୍ୟ ଗ୍ରାହକଙ୍କ ମଧ୍ୟରେ ସ୍ୱୟଂଚାଳିତ କମ୍ପ୍ୟୁଟର ଦ୍ୱାରା ପ୍ରତ୍ୟେକ ଉପଖଣ୍ଡ ପାଇଁ ୩ ଜଣ ଉପଭୋକ୍ତାଙ୍କୁ ଚୟନ କରାଯାଇଥାଏ । ସେହି ଉପଭୋକ୍ତଙ୍କୁ ପ୍ରଥମ ପୁରସ୍କାର ଭାବେ ଏକ ସ୍ମାର୍ଟ ଫୋନ୍, ଦ୍ୱିତୀୟ ପରସ୍କାର ଏକ ସାରେଗାମା କାରମା ଏବଂ ତୃତୀୟ ପୁରଷ୍କାର ଭାବେ ଏକ ସୋଲାର ଲ୍ୟାମ୍ପ ଉପହାର କରାଯାଇଥାଏ ବୋଲି କହିଥିଲେ । ଗତ ଅକ୍ଟୋବର ମାସ ପାଇଁ ଏହି ଯୋଜନା ଅଧିନରେ ସମଗ୍ର ପଶ୍ଚିମ ଓଡ଼ିଶାରୁ ୫ ଲକ୍ଷ ୧୮ ହଜାର ୨୫୭ ଜଣ ଉପଭୋକ୍ତା ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର ଦ୍ୱାରା ଲକି ଡ୍ର ମାଧ୍ୟମରେ ୫୭ ଉପଖଣ୍ଡରୁ ୧୭୧ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଜେତା ଭାବେ ଚୟନ କରାଯାଇଥିଲା। ସେହି ସମସ୍ତ ବିଜେତାଙ୍କୁ ଆଗାମୀ କିଛି ଦିନ ମଧ୍ୟରେ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟ ନିମନ୍ତ୍ରଣ କରି ପୁରସ୍କାର ପ୍ରଦାନ କରାଯିବ। ସମସ୍ତ ଉପଭୋକ୍ତାଙ୍କ ନାମ କମ୍ପାନୀ ୱେବସାଇଟରେ ଉପଲବ୍ଧ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚିତ କରାଯାଇଛି। କମ୍ପାନୀର ଅପରେଶନ ବିଭାଗ ମୁଖ୍ୟ ଆଶିଷ କୁମାର ପାଢୀଯୋଶୀ, କମର୍ସିଆଲ ବିଭାଗ ମୁଖ୍ୟ ପିପି ତେନ୍ଦୁଲକର ମଞ୍ଚାସୀନ ଥିଲେ। ଜନସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ଭିସୁଟ୍‌ରେ ସମ୍ବିଧାନ ଦିବସ ପାଳିତ

**ସମ୍ବଲପୁର,୨୭।୧୧(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସମ୍ବିଧାନ ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭିସଟ୍ ସୁବର୍ଣ୍ଣ ଜୟନ୍ତୀ ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ବି.ବି.ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ପ୍ରଫେସର ମୀନକେତନ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ସାହୁ ତାଙ୍କ ବକ୍ତବ୍ୟରେ ସମ୍ବିଧାନର ଇତିହାସ, ଗୁରୁତ୍ୱ, ସମ୍ବିଧାନରେ ଅନ୍ତର୍ଭୁକ୍ତ ମୌଳିକ ଅଧିକାର, ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ, ସମ୍ବିଧାନର ସଂଖ୍ୟା ଓ ଧାରା ଉପରେ ଆଲୋକପାତ କରିଥିଲେ। ଭିସୁଟ୍ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ, ବିତ୍ତ ଅଧିକାରୀ ତୁଳାରାମ କାଲେତ୍, ଡିନ୍ ପ୍ରଫେସର ଆର୍.କେ.ସାହୁ, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଏସ୍.କେ.ସ୍ୱାଇଁ ଯୋଗ ଦେଇଥିଲେ।

# ଶୁଣାଣି ବେଳେ ଅସୁସ୍ଥ ହୋଇପଡିଲେ ଅତିରିକ୍ତ ଜିଲା ଜଜ୍

**ସମ୍ବଲପୁର,୨୭।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ପ୍ରଥମଶ୍ରେଣୀ ଅତିରିକ୍ତ ଜିଲାଜଜ୍ ଶିବ ପ୍ରସାଦ ମିଶ୍ର ବୁଧବାର ଏକ ମାମଲାର ଶୁଣାଣି କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କୋର୍ଟରେ ଥିବା କର୍ମଚାରୀ ଓ ଓକିଲମାନେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଥିବା ଆତ୍ମୀୟଙ୍କଠାରୁ ପ୍ରକାଶ। ସୂଚନାକ୍ରମେ ଅପରାହ୍ନରେ ତାଙ୍କ ଅଦାଲତରେ ସେ ଏକ ଆପରାଧିକ ମାମଲାର ଶୁଣାଣି କରୁଥିଲେ। ଏହି ସମୟରେ ସେ ହଠାତ୍ ଗୁରୁତର ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ।

# ଚତୁର୍ଥ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି


ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା ମା' ସମଲେଶ୍ୱରୀଙ୍କୁ ନିମନ୍ତ୍ରଣ ଦେବାକୁ ଯାଉଛନ୍ତି ।

**ସମ୍ବଲପୁର,୨୭।୧୧(ବି.ଶଙ୍କର)**

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆସନ୍ତା ଡିସେମ୍ବର ୮ ରୁ ୧୨ ତାରିଖ ଯାଏ ଚତୁର୍ଥ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ସକାଶେ ବ୍ୟାପକ ପ୍ରସ୍ତୁତି ଚାଲିଛି । ବୁଧବାର ମଞ୍ଚ କର୍ମକର୍ତ୍ତାମାନେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ନିଉତା ପତର ଦେଇ ନିମନ୍ତ୍ରଣ କରିଛନ୍ତି । ସମ୍ବଲପୁର ଶାଖା ସଂଯୋଜକ କିଶୋର ଧରେଇଙ୍କ ନେତୃତ୍ୱ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସଂସ୍କୃତି ଗବେଷକ ଡ.ଶ୍ୟାମସୁନ୍ଦର ଧର, ଡ. ସ୍ୱୟଂପ୍ରକାଶ ପ୍ରକାଶ ପଣ୍ଡା, ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ସୁରେନ୍ଦ୍ର ବଗର୍ତ୍ତୀ, ରାହୁଲ ଗୁପ୍ତା, ରାଜେଶ ବେହେରା, ପଙ୍କଜିନୀ ମେହେର, କାନ୍ତି ମେହେର, ଝୁନୁ ତ୍ରିପାଠୀ, ସୁଷମା ପ୍ରଧାନ, ପଙ୍କଜିନୀ ବୈଠାରୁ, ପ୍ରଜ୍ଞା ପଣ୍ଡା, ଲଳିତା ଭୋଇ, ଜାମିନି ଠାକୁର, ଭୂମିସୁତା ମେହେର ସାମିଲ ଥିଲେ । ଜାତୀୟ ସମ୍ବଲପୁରୀ ସମ୍ମିଳନୀ ବିଷୟରେ ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି, ସମ୍ବଲପୁର ଜେଲ ଛକ ନିକଟସ୍ଥ ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାଠାରେ ଏହି ପାଞ୍ଚ ଦିନିଆ ସମ୍ବଲପୁରୀ ସମ୍ମିଳନୀ ହେବ । ଏଥିରେ ସମ୍ବଲପୁରୀ ନାଚ, ଗୀତ, ସଙ୍ଗୀତ, ନାଟକ, ବାନ୍ଧକଳା, ଖାଦ୍ୟପେୟର ଏକ ଅଭୁତପୂର୍ବ ମିଳନସ୍ଥଳୀ ହେବ ।

# ଡିଜିଟାଲ ଦେଣନେଣ ବେଳେ ସତର୍କତା ଅବଲମ୍ବନ ଜରୁରୀ

**ଜମନକିରା,୨୭।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)**


ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ, ମହିଳା କର୍ମଚାରୀ।

ସମ୍ବଲପୁର ଜିଲା ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ସଞ୍ଚୟ ଏବଂ ଆର୍ଥିକ ସେବା ସଙ୍ଗଠନ ସଂସ୍ଥା ଦ୍ୱାରା ସଞ୍ଚୟ ଏବଂ ଆର୍ଥିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସମ୍ବଲପୁର ପୋଷ୍ଟାଲ ଡିଭିଜନର ଡାକପାଳ ବି. ମହେଶ୍ୱର ରାଓ ଯୋଗଦେଇ ସହଜଲବ୍ଧ ଧନପ୍ରତି ଆକୃଷ୍ଟ ନହୋଇ କଷ୍ଟୋପାର୍ଜିତ ଧନକୁ ଡାକ ଘରେ କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଡିଜିଟାଲ ଦେଣନେଣ ଉପରେ ଯେମିତି ଠକେଇର ଶିକାର ନହୁଅନ୍ତି ସେଥିପ୍ରତି ଯତ୍ନଶୀଳ ହେବା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦିଲୀପ ଦାସ, ସିଡ଼ିପିଓ ମମତା ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ସାହୁ, ସଂସ୍ଥା ସହ ନିର୍ଦ୍ଦେଶକ ନୀଳାଚଳ ସେଠୀ, ଜିପିଡ଼ିଓ ଅଜୟ ଖଡ଼ିଆ ମଞ୍ଚାସୀନ ଥିଲେ। ଏଥିରେ ୨୧ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ଉପସ୍ଥିତ ଥିଲେ। ଅଜିତ ସାହୁ, ସୁଧୀର ସେନାପତି, ବିନିତ କୁମାର ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ୨୦୪୭ସୁଦ୍ଧା ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତି ହେବ

**ସମ୍ବଲପୁର,୨୬।୧୧(ଭବାନୀ ଶଙ୍କର ଭୋଇ)**

**ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳନ**

ସମ୍ବିଧାନ ଦିବସ ଅବସରରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଶପଥ ପାଠ ସହିତ ସବ୍‌କା ସାଥ୍ ସବ୍‌କା ବିକାଶ ବିଷୟ ଉପରେ ଏକ ସଂପାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନଙ୍କୁ ସମ୍ବିଧାନ ଶପଥ ପାଠ କରାଇଥିଲେ। ସବ୍‌କା ସାଥ୍ ସବ୍‌କା ବିକାଶ ସଂପାନରେ ମୁଖ୍ୟ ଆଲୋଚକ ଭାବେ ସମ୍ବଲପୁରସ୍ଥିତ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶାଳୟ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ ଯୋଗଦାନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ ତାଙ୍କ ସଭାପତୀୟ ଅଭିଭାଷଣରେ ଭାରତର ଗଣତନ୍ତ୍ରର ସୁରକ୍ଷା ଦିଗରେ ଯୁବସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକ ପ୍ରଫେସର ଦାଶ ଆସନ୍ତା ୨୦୪୭ସୁଦ୍ଧା ଭାରତ ଆନ୍ତର୍ଜାତିକ ଆର୍ଥନୈତିକ କ୍ଷେତ୍ରରେ ପ୍ରଥମ ଶକ୍ତିଭାବେ ଉଭା ହେବାକୁ ଯାଉଛି ବୋଲି କହିଥିଲେ। ଏ ଦିଗରେ ଯୁବଶକ୍ତି କିଭଳି ନିଜର କର୍ତ୍ତବ୍ୟ ସମାପନ କରିପାରିବେ ତା'ର ବିଭିନ୍ନ ଦିଗର ସେ ତର୍ଜମା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଶୈଳଜା ମହାନନ୍ଦ ସମ୍ବିଧାନ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପ୍ରଶାନ୍ତ ପ୍ରଧାନ ସମ୍ବିଧାନର ପ୍ରସ୍ତାବନାର ଗୁରୁତ୍ୱ ଉପରେ କହିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ଭାରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।



ସରକାରୀ ମହିଳା ମହାବିଦ୍ୟାଳୟରେ ଅତିଥିଙ୍କ ଦ୍ୱାରା ମାନପତ୍ର ବଣ୍ଟନ କରାଯାଉଛି ।

# ମହୋତ୍ସବ ସ୍ମରଣୀୟ କରିବା ଉପରେ ଗୁରୁତ୍ୱ


ସମ୍ବଲପୁର ଲୋକ ମହୋତ୍ସବ ଆୟୋଜନ ପାଇଁ ଆୟୋଜିତ ବୈଠକରେ ମଞ୍ଚାସୀନ ଅଧିକାରୀ ।

**ସମ୍ବଲପୁର,୨୭।୧୧(ଭବାନୀ ଶଙ୍କର ଭୋଇ)**

**ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି**

- ବିଭିନ୍ନ କମିଟି ଆବାହକ ହେବାକୁ ଶକ୍ତି ପ୍ରଦର୍ଶନ

ସମ୍ବଲପୁର ଲୋକମହୋତ୍ସବ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କମିଟିର ଆବାହକ ଚୟନ ପ୍ରକ୍ରିୟା ଗଠନ ନିମନ୍ତେ ଆଲୋଚନା କରାଯାଇଥିଲା। ଚଳିତବର୍ଷର ଲୋକମହୋତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରୟାସ କରାଯିବ ବୋଲି ଜିଲାପାଳ କହିଥିଲେ। ଗତବର୍ଷ ଲୋକ ମହୋତ୍ସବ କମିଟି ସଂଯୋଜକ ଭୋଳାଶଙ୍କର ମହନ୍ତମ କହିଥିଲେ ଯେ ଶେଷ ମୁହୂର୍ତ୍ତରେ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ କରାଯାଉଥିବାରୁ ଜାତୀୟ ଦଳ ସମ୍ବଲପୁରକୁ ଆଣିବା କଷ୍ଟକର ହେଉଛି। ସମ୍ବଲପୁରୀ ନାଟ୍ୟକାର ନିର୍ଦ୍ଦେଶକବବଲୁ ବାଗ ବିଭିନ୍ନ କମିଟିର ଆବାହକ ହେବା ପାଇଁ ବହୁ ଲୋକ ନିଜ ସମର୍ଥକଙ୍କୁ ନେଇ ପହଞ୍ଚୁ ଥିବାରୁ ନିର୍ବାଚନ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ଜିଲା ଜିଲା ସଂସ୍କୃତି ପରିଷଦ ଗଠିତ ହୋଇ ନ ଥିବାରୁ ଲୋକ ମହୋତ୍ସବର ପ୍ରସ୍ତୁତିରେ ଡେରି ହେଉଥିବା ଏବଂ ଅଯଥାରେ ଲୋକଙ୍କ ଭିଡ ଜମୁଥିବା ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ବ୍ଲକସ୍ତରୀୟ ସାଂସ୍କୃତିକ ଦଳଗୁଡିକୁ ସାମିଲ କରିବା, ଉପଖଣ୍ଡସ୍ତରରେ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ କରିବା, ସବୁ ଅଞ୍ଚଳର ପ୍ରତିନିଧିମାନଙ୍କୁ ସାମିଲ କରିବା ଭଳି ଅନେକ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ଏହି ବୈଠକରେ ଲୋକ ମହୋତ୍ସବ ସଂଯୋଜକ ଏବଂ ଆୟୋଜନ ପାଇଁ ବିଭିନ୍ନ କମିଟିର ଆବାହକ ପଦ ପାଇଁ ଏକାଧିକ ବ୍ୟକ୍ତିଙ୍କ ନାମ ସୁପାରିଶ କରାଯାଇଥିଲା । ପରବର୍ତ୍ତୀ ସମୟରେ ଆଲୋଚନା କରାଯାଇ ଉପଯୁକ୍ତ ବ୍ୟକ୍ତିଙ୍କୁ ଲୋକ ମହୋତ୍ସବ ସଂଯୋଜକ ଏବଂ ଆବାହକଭାବେ ନାମ ଘୋଷଣା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଜାନୁଆରୀ ୪ ରୁ ପାଞ୍ଚଦିନ ଧରି ଲୋକ ମହୋତ୍ସବ କରାଯିବାକୁ ପ୍ରସ୍ତାବ ଆଗତ ହୋଇଛି । ଅଇଁଠାପାଲି ପିଏଚ୍‌ଡି ପଡିଆରେ ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମ୍ବୁ ଉତ୍ସବର ସଫଳ ରୂପାୟନ କିପରି ହୋଇ ପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ବୈଠକକୁ ସମ୍ବଲପୁର ମହାନଗର ନିଗମ ର କମିଶନର ବେଦ ଭୂଷଣ ପରିଚାଳନା କରିଥିଲେ । ଏଥିରେ ଶିକ୍ଷାନବିଶ ଆଇପିଏସ ଭୋସଲେ ଶୁଭମ ସଞ୍ଜୟ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସିଇଓ ଅରମାସ ଶ୍ରୀମନ୍ତ ହୋତା, ଉପ ଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ସିଡ଼ିଏମ୍‌ଓ ଭରତ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ।

